# ‘ବରିଷ୍ଠ ନାଗରିକଙ୍କ ଆଶୀର୍ବାଦ ସମାଜ ପାଇଁ ମୂଲ୍ୟବାନ୍’



ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲରେ ବାର୍ତ୍ତା ଦେଉଛନ୍ତି। ମଞ୍ଚରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଉନ୍ନୟନ କମିଶନର ଅନୁ ଗର୍ଗ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି। (ଫଟୋ-ବିକାଶ ନାୟକ)

## ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ଭୁବନେଶ୍ୱର, ୧।୧୦(ଅସମାପିକା ସାହୁ)

ବରିଷ୍ଠ ନାଗରିକଙ୍କ ପାଖରେ ଅଭିଜ୍ଞତା ଓ ସମସ୍ୟାର ସମାଧାନ ରହିଛି। ସେମାନଙ୍କଠାରୁ ଆମକୁ ବହୁତ କିଛି ଶିଖିବାର ଅଛି। ସେମାନେ ଯେପରି ମର୍ଯ୍ୟାଦା ଓ ମାନସିକ ଶାନ୍ତି ସହ ଜୀବନଯାପନ କରିବେ ସେଥିପାଇଁ ସମସ୍ତେ ଯତ୍ନବାନ ହେବା ଦରକାର। ସେମାନଙ୍କ ଆଶୀର୍ବାଦ ସମାଜ ଓ ଆମ ସମସ୍ତଙ୍କ ପାଇଁ ବହୁ ମୂଲ୍ୟବାନ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ସମାବେଶରେ ମୁଖ୍ୟଅତିଥି ଭାବେ ବାର୍ତ୍ତା ଦେଇ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି। ସମସ୍ତେ ମିଶି ଆମର ବରିଷ୍ଠ ନାଗରିକଙ୍କ ସୁସ୍ଥ ଓ ନିରାମୟ ଜୀବନ ପାଇଁ କାମ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ବରିଷ୍ଠ ନାଗରିକଙ୍କୁ ସମାଜର ମଙ୍ଗୁଆଳ ଭାବେ ଅଭିହିତ କରିବା ସହିତ ସେମାନଙ୍କ ପାଇଁ ରହିଥିବା ସୁବିଧାଗୁଡ଼ିକ ସମ୍ପର୍କରେ ଆଲୋକପାତ କରିଥିଲେ। ଉନ୍ନୟନ କମିଶନର ଅନୁ ଗର୍ଗ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ପ୍ରଶାସନକୁ ଅଧିକ କ୍ରିୟାଶୀଳ କରିବାରେ ବରିଷ୍ଠ ନାଗରିକମାନେ ଉପଯୁକ୍ତ ପରାମର୍ଶ ଓ ମତାମତ ଦେବା ଉଚିତ ବୋଲି କହିଥିଲେ। ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ରାଜଧାନୀ ଭୁବନେଶ୍ୱରରେ ବୟସ୍କ ନାଗରିକଙ୍କ ସଂଖ୍ୟା ୨୦ ପ୍ରତିଶତରେ ପହଞ୍ଚିଥିବା ଉଲ୍ଲେଖ କରିଥିଲେ। କାର୍ଯ୍ୟକ୍ରମରେ ଅଧକ୍ଷତା କରି ବିଭାଗୀୟ ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନୀ ବୈଷୟିକ ବିଦ୍ୟା ଓ ଚିକିତ୍ସା ବିଜ୍ଞାନର ବିକାଶ ଫଳରେ ବୟସ୍କ ନାଗରିକଙ୍କ ଆୟୁ ବୃଦ୍ଧି ପାଇଛି ଏବଂ ସେମାନଙ୍କ ପାଇଁ ଅଧିକ ସେବା ଓ ସୁରକ୍ଷା ଆବଶ୍ୟକ ହୋଇଛି ବୋଲି ମତବ୍ୟକ୍ତ କରିଥିଲେ। ବିଭାଗର ନିର୍ଦ୍ଦେଶକ ବ୍ରତତୀ ହରିଚନ୍ଦନ ସରକାରଙ୍କ ପକ୍ଷରୁ ପ୍ରାୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ବିସ୍ତୃତ ସୂଚନା ଦେଇଥିବାବେଳେ ସ୍ୱତନ୍ତ୍ର ଶାସନ ସଚିବ ଦିଲୀପ ରାୟ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ ଓ ଅତିରିକ୍ତ ଶାସନ ସଚିବ ଦୀପକ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ। ବରିଷ୍ଠ ନାଗରିକ ମହାସଂଘ ପକ୍ଷରୁ ଡ. କୃପାସିନ୍ଧୁ ପଣ୍ଡା ବକ୍ତବ୍ୟ ରଖିଥିଲେ। ଏହି ଅବସରରେ କ୍ୟାପିଟାଲ ହସ୍ପିଟାଲ ପକ୍ଷରୁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସାଇଟ୍ ସେଭର୍ସ ଇଣ୍ଡିଆ ପକ୍ଷରୁ ଚକ୍ଷୁ ପରୀକ୍ଷା ଶିବିର ଓ ୟୁଏନ୍‌ଏଫ୍‌ପିଏ ପକ୍ଷରୁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

# ଡ୍ୟାମ୍‌ରେ ବୁଡ଼ି ଜଣେ ନିଖୋଜ, ୩ ଉଦ୍ଧାର

ମଙ୍ଗୁଳି-ଜଗତପୁର,(ମାନସ ସାମଲ)/ ଚୌଦ୍ୱାର,୧।୧୦ (ଆଶୁତୋଷ ଦାସ)

କଟକ ଜିଲା ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ମଙ୍ଗରାଜପୁର ପଞ୍ଚାୟତସ୍ଥିତ ପର୍ଯ୍ୟଟନ ସ୍ଥଳୀ ଡମଡମଣୀ ପୀଠ ନିକଟ ଡ୍ୟାମ୍‌ରେ ବୁଡିଯାଇ ଜଣେ ଯୁବକ ନିଖୋଜ ହୋଇଯାଇଛନ୍ତି। ସେ ହେଲେ ସିଡିଏ ସେକ୍ଟର-୭ ଅଞ୍ଚଳର ଅଂଶୁମାନ ନାୟକ। ସୂଚନା ମୁତାବକ, ସିଡିଏ ଓ ବିଡାନାସୀ ଅଞ୍ଚଳର ୬ଜଣ ସାଙ୍ଗ ଭୋଜି କରିବା ପାଇଁ ରବିବାର ପୂର୍ବାହ୍ନରେ ଉକ୍ତ ଡ୍ୟାମ୍ ନିକଟକୁ ଯାଇଥିଲେ। ଭୋଜି ସରିବା ପରେ ସେମାନଙ୍କ ମଧ୍ୟରୁ ୪ ଜଣ ଅପରାହ୍ନ ପ୍ରାୟ ସାଢେ ୧ଟାରେ ଡ୍ୟାମ୍‌ରେ ଗାଧୋଉଥିଲେ। ହେଲେ ଅସାବଧାନତାବଶତଃ ଗୋଡ଼ ଖସିଯିବାରୁ ସେମାନେ ପାଣିରେ ବୁଡ଼ି ଯାଇଥିଲେ। କିଛି ସମୟ ମଧ୍ୟରେ ସେମାନଙ୍କ ମଧ୍ୟରୁ ୩ ଜଣ କୌଶଳକ୍ରମେ ପାଣିରୁ ବାହାରକୁ ଆସିଥିବାବେଳେ ଅଂଶୁମାନ ନିଖୋଜ ହୋଇଯାଇଛନ୍ତି। ଖବରପାଇ ଚୌଦ୍ୱାର ଅଗ୍ନିଶମ କର୍ମଚାରୀ ଅପରାହ୍ନ ପ୍ରାୟ ୩ଟାରେ ଘଟଣାସ୍ଥଳରେ ପହଞ୍ଚି ୩ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଖୋଜାଖୋଜି କରିଥିଲେ ମଧ୍ୟ ଅଂଶୁମାନଙ୍କ ପତ୍ତା ମିଳିପାରିନାହିଁ। ରାତି ହୋଇଯାଇଥିବାରୁ ଉଦ୍ଧାର କାର୍ଯ୍ୟ ସ୍ଥଗିତ ରହିଛି। ସୋମବାର ସକାଳୁ ଉଦ୍ଧାର କାର୍ଯ୍ୟ ଜାରି ରହିବ ଓ ଏଥିରେ ସ୍କୁବା ଡାଇଭରଙ୍କୁ ନିୟୋଜିତ କରାଯିବ ବୋଲି ଚୌଦ୍ୱାର ଫାୟାର ଅଫିସର ବିଷ୍ଣୁ ପ୍ରସାଦ ଦାସ ସୂଚନା ଦେଇଛନ୍ତି। ଅପରପକ୍ଷରେ ପହଁରା ଜାଣି ନ ଥିବାରୁ ଅଂଶୁମାନଙ୍କୁ ଉଦ୍ଧାର କରିପାରିଲୁ ନାହିଁ ବୋଲି କୂଳକୁ ଆସିଥିବା ସାଙ୍ଗ ଆଶିଷ ମହାପାତ୍ର ଓ ଅଭିଜିତ ଦଳାଇ କହିଛନ୍ତି।




# ଜଗନ୍ନାଥଙ୍କ ପାଇଁ ପରିଚୟ ପାଇଛି ଓଡ଼ିଶା




ଉତ୍କଳ ବିଶ୍ୱବିଦ୍ୟାଳୟ ଏମ୍‌କେସିଜି ଅଡିଟୋରିୟମ୍‌ରେ ରବିବାର ଆୟୋଜିତ ପୁସ୍ତକ ଉନ୍ମୋଚନ ଉତ୍ସବରେ ପୁରାଣବିତ ଦେବଦତ୍ତ ପଟ୍ଟନାୟକ, ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ସବିତା ଆଚାର୍ଯ୍ୟ ଓ ଅନ୍ୟମାନେ।

## ଦେବଦତ୍ତ ପଟ୍ଟନାୟକଙ୍କ ‘ଟେଲ୍‌ସ ଫ୍ରମ୍ ଦି ଲ୍ୟାଣ୍ଡ୍ ଅଫ୍ ଜଗନ୍ନାଥ’ ଉନ୍ମୋଚିତ

ଭୁବନେଶ୍ୱର,୧।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

ଜଗନ୍ନାଥଙ୍କର ଅନେକ ପରିଚୟ ଥିଲେ ମଧ୍ୟ ଜଗନ୍ନାଥ ହିଁ ଜଗନ୍ନାଥ। ଭାରତର ସବୁ ରାଜ୍ୟରେ ପ୍ରସିଦ୍ଧ ଠାକୁରଙ୍କ ମନ୍ଦିର ରହିଛି। ହେଲେ ଓଡ଼ିଶା ହେଉଛି ଏକମାତ୍ର ରାଜ୍ୟ ଯାହା ନିଜର ଆରାଧ୍ୟ ଦେବତାଙ୍କ ଦ୍ୱାରା ପରିଚୟ ପାଇଛି। ଜଗନ୍ନାଥ ହେଉଛନ୍ତି ରାଷ୍ଟ୍ରଦେବତା। ଜଣେ ଓଡ଼ିଶାକୁ ଆସି କହିପାରିବ ଏହା ଜଗନ୍ନାଥର ଦେଶ। ଆଉ କେଉଁଠାକୁ ଗଲେ ଏଭଳି କହିହେବ ନାହିଁ ବୋଲି ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ତଥା ପ୍ରସିଦ୍ଧ ଲେଖକ ଓ ଗବେଷକ ଆର୍ ବାଲ୍‌କ୍ରିଷ୍ଣନ କହିଛନ୍ତି। ପେନ୍ ଇନ୍ ବୁକ୍ସ ପକ୍ଷରୁ ରବିବାର ଉତ୍କଳ ବିଶ୍ୱବିଦ୍ୟାଳୟ ଏମ୍‌କେସିଜି ଅଡିଟୋରିୟମ୍‌ରେ ଆୟୋଜିତ ପୁସ୍ତକ ଉନ୍ମୋଚନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି। ଏହି ଅବସରରେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଲେଖକ ତଥା ପୁରାଣବିତ ଦେବଦତ୍ତ ପଟ୍ଟନାୟକଙ୍କ ପୁସ୍ତକ ‘ଟେଲ୍ସ ଫ୍ରମ୍ ଦି ଲ୍ୟାଣ୍ଡ୍ ଅଫ୍ ଜଗନ୍ନାଥ’ ଓ କିଟ୍‌ର ପ୍ରୋ ଭାଇସ୍ ଚାନ୍‌ସେଲର୍ ଡ. ତପନ କୁମାର ପଣ୍ଡାଙ୍କ ଦ୍ୱାରା ଏହାର ଓଡ଼ିଆ ଅନୁବାଦ ପୁସ୍ତକ ‘ଜଗନ୍ନାଥ ଦେଶର କଥା’କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଲେଖକ ପଟ୍ଟନାୟକ କହିଲେ, ମୁଁ ଓଡ଼ିଶା ବାହାରେ ଜନ୍ମହୋଇଛି ଓ ବଢ଼ିଛି। ମାତ୍ର ସବୁବେଳେ ଆମ ଓଡ଼ିଶା ପରିଚୟର ଭିତ୍ତି ଥିଲେ ଜଗନ୍ନାଥ। ଅନ୍ୟତମ ଅତିଥି ଭାବେ ଯୋଗଦେଇ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ସବିତା ଆଚାର୍ଯ୍ୟ ପୁରୀକୁ ତୀର୍ଥଯାତ୍ରା ନେଇ ନିଜ ଗବେଷଣା ଉପରେ ଆଲୋକପାତ କରିଥିଲେ। ଅନୁବାଦକ ପଣ୍ଡା କହିଲେ, ପୁସ୍ତକ ଅନୁବାଦ ସମୟରେ ମୁଁ ଭାବିଲି ଜଗନ୍ନାଥ ଦେଶର ଲୋକଙ୍କୁ ଜଗନ୍ନାଥଙ୍କ ବିଷୟରେ ଆଉ କ’ଣ ବା କହିହେବ। ମାତ୍ର ପୁସ୍ତକ ପଢ଼ି ନୂଆ ନୂଆ କଥା ଜାଣିବାକୁ ପାଇଲି। ପୌରାଣିକ ଜିନିଷକୁ ଇତିହାସ ମାଧ୍ୟମରେ ଦେଖିବା ଦେବଦତ୍ତଙ୍କ ଶୈଳୀ। କଥାକାର ଶୁଭ୍ରାଂଶୁ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବ ପରେ ଦେବଦତ୍ତ ଓ ବାଲ୍‌କ୍ରିଷ୍ଣନ ଜଗନ୍ନାଥ ପରମ୍ପରା ଉପରେ ଦୀର୍ଘ ଆଲୋଚନା କରିଥିଲେ।

ବାଲକ୍ରିଷ୍ଣନ୍‌ଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ଦେବଦତ୍ତ କହିଥିଲେ, ବିଜ୍ଞାନ ହେଉଛି ବାହ୍ୟଜ୍ଞାନ, ଯାହା ମାପ ଉପରେ ଆଧାରିତ ଓ ପ୍ରମାଣକୈନ୍ଦ୍ରିକ। ତେବେ ପୁରାଣଶାସ୍ତ୍ର ଭାବକୈନ୍ଦ୍ରୀକ। ରସଗୋଲାରେ କେତେ କ୍ୟାଲୋରି ତାହା ବିଜ୍ଞାନ ମାପ କରିପାରେ। ମାତ୍ର ରସଗୋଲା ସୁଆଦକୁ କେବଳ ଅନୁଭବ କରିହୁଏ, ବିଜ୍ଞାନର ପରିଧି ବାହାରେ। ଏହା ହିଁ ପୁରାଣଶାସ୍ତ୍ର ଓ ବିଜ୍ଞାନ ମଧ୍ୟରେ ପ୍ରଭେଦ। ରାମାୟଣର ଶବରୀ ଉପାଖ୍ୟାନ ହେଉଛି ବିଶ୍ୱକୁ ଓଡ଼ିଶାର ବଡ଼ ଅବଦାନ। ସର୍ବପ୍ରଥମେ ଦାଣ୍ଡି ରାମାୟଣରେ ମହାପୁରୁଷ ବଳରାମ ଦାସ ଶବରୀ ଅଇଁଠା କଥା ଲେଖିଥିଲେ। ଆମେ ନିଜ ପରିବାର ଲୋକଙ୍କର କେବଳ ଅଇଁଠା ଖାଉ। ରାମଚନ୍ଦ୍ର ଶବରୀଙ୍କର ଅଇଁଠା ଆମ୍ବ ଖାଇ ସଭିଏଁ ତାଙ୍କର ପରିବାର ଲୋକ ବୋଲି ପ୍ରମାଣ ଦେଇଛନ୍ତି। ପରେ ଓଡ଼ିଶାର ରାମାୟଣ ଅନୁସରଣରେ ଅନ୍ୟ ରାମାୟଣରେ ଶବରୀ ଅଇଁଠା କୋଳି ଖାଇବା ପ୍ରସଙ୍ଗ ଆସିଛି ବୋଲି ସେ କହିଥିଲେ। ଡ.ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରାଜ୍ୟ ଭିନ୍ନକ୍ଷମ କମିଶନର ହେଲେ ବ୍ରତତୀ ହରିଚନ୍ଦନ

ଭୁବନେଶ୍ୱର, ୧।୧୦(ଅସମାପିକା ସାହୁ)

ବ୍ରତତୀ ହରିଚନ୍ଦନଙ୍କୁ ରାଜ୍ୟ ଭିନ୍ନକ୍ଷମ କମିଶନର ଭାବେ ନିଯୁକ୍ତି ଦିଆଯାଇଛି। ଏ ନେଇ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବ୍ରତତୀ ଏବେ ବିଭାଗର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି। ଭିନ୍ନକ୍ଷମ ଅଧିକାର ଆଇନ-୨୦୧୬ ଅନୁଯାୟୀ ରାଜ୍ୟ ସରକାର ତାଙ୍କୁ ଏହି ନୂଆ ଦାୟିତ୍ୱ ଦେଇଛନ୍ତି। ସେ ଆସନ୍ତା ନଭେମ୍ବର ମାସରେ ସରକାରୀ ଚାକିରିରୁ ଅବସର ଗ୍ରହଣ କରିବେ।ଏଠାରେ ଉଲ୍ଲେଖଯୋଗ୍ୟ, ରାଜ୍ୟ ଭିନ୍ନକ୍ଷମ କମିଶନର ଭାବେ ମେୟର ସୁଲୋଚନା ଦାସ କାର୍ଯ୍ୟ କରୁଥିଲେ। କିନ୍ତୁ ବିଏମ୍‌ସିର ମେୟର ପ୍ରାର୍ଥୀ ଭାବେ ତାଙ୍କ ନାମ ଘୋଷଣା ହେବା ପରେ ଗତବର୍ଷ ମାର୍ଚ୍ଚରେ ସେ ଇସ୍ତଫା ଦେଇଥିଲେ। ସେବେଠାରୁ ଏହି ପଦବୀ ଖାଲି ପଡ଼ିଥିଲା।



## ସଂକ୍ଷେପରେ

### ବେଆଇନ ଅର୍ଥ ସଂଗ୍ରହ: ପ୍ରଥମ ବାଟାଲିୟନ୍ କମାଣ୍ଡାଣ୍ଟ ଗିରଫ

କଟକ,୧।୧୦ (କାର୍ତ୍ତିକ ସାହୁ)

ଢେଙ୍କାନାଳସ୍ଥିତ ଓଏସ୍ଏପି ପ୍ରଥମ ବାଟାଲିୟନର କମାଣ୍ଡାଣ୍ଟ ସୁନୀଲ କୁମାର ବେହେରାଙ୍କୁ ରବିବାର ଭିଜିଲାନ୍ସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ବିଭିନ୍ନ ସୂତ୍ରରୁ ବେଆଇନ ଭାବେ ବହୁ ପରିମାଣର ଅର୍ଥ ସଂଗ୍ରହ କରି ଶନିବାର ରାତିରେ କଟକସ୍ଥିତ ତାଙ୍କ ବାସଭବନକୁ ଫେରୁଥିବାବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ସିଡିଏ ସେକ୍ଟର-୧୧ ଅନ୍ତର୍ଗତ ମଧୁସୂଦନ ସେତୁ ନିକଟରେ କାବୁ କରିଥିଲା। ତାଙ୍କ ଗାଡ଼ିରୁ ୧,୩୧,୫୩୫ ଟଙ୍କା ଓ କଟକସ୍ଥିତ ତାଙ୍କ ବାସଭବନ ତଲାସି ପରେ ୮,୭୦,୦୦୦ ଟଙ୍କା ଭିଜିଲାନ୍ସ ଜବତ କରିଛି। ଭିଜିଲାନ୍ସ ପକ୍ଷରୁ ଏକକାଳୀନ ବେହେରାଙ୍କର ଢେଙ୍କାନାଳସ୍ଥିତ ସରକାରୀ ବାସଗୃହ, କ୍ୟାଣ୍ଟନମେଣ୍ଟ ରୋଡ୍‌ସ୍ଥିତ ବାସଭବନ, ଭୁବନେଶ୍ୱର ଝାରପଡ଼ାଠାରେ ନୂତନ ଗୃହ ଓ ପୁରୀ ଶ୍ରୀକ୍ଷେତ୍ରନଗରସ୍ଥିତ ପୈତୃକ ଘରେ ଚଢ଼ାଉ କରାଯାଇଛି। ଏନେଇ ଭିଜିଲାନ୍ସ ସେଲ୍ ଥାନାରେ ଏକ ମାମଲା(ନଂ.୯/୨୩) ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି।

### ୨୦ଦିନ ପରେ ମୋବାଇଲ୍ ୨ ଲୁଟେରା ଧରାପଡିଲେ

ଭୁବନେଶ୍ୱର,୧।୧୦ (ସୂର୍ଯ୍ୟକାନ୍ତ ବେହେରା) : ଯୁବକଙ୍କୁ ଧକ୍କା ମାରି ମୋବାଇଲ ଛଡାଇ ନେବା ଅଭିଯୋଗରେ ଧଉଳି ଥାନା ପୋଲିସ ୨ଜଣ ଲୁଟେରାଙ୍କୁ ୨୦ଦିନ ପରେ ଗିରଫ କରିଛି। ସେମାନେ ହେଲେ ପୁରୀ ଜିଲା ପିପିଲି ଅଞ୍ଚଳର ସୁବାସ ବେହେରା ଓ ସୁଶାନ୍ତ ବେହେରା। ଉଭୟଙ୍କଠାରୁ ୪ଟି ମୋବାଇଲ ଫୋନ ଓ ଲୁଟରେ ବ୍ୟବହୃତ ପଲସର ଗାଡିକୁ ଜବତ କରିଛି ପୋଲିସ। ଅଭିଯୋଗକାରୀ ବାବୁଲା ବେହେରା ୧୧ ସେପ୍ଟେମ୍ବରରେ ଶିଶୁପାଳଗଡ଼ସ୍ଥିତ ବିଦ୍ୟୁତ୍ କାର୍ଯ୍ୟାଳୟ ନିକଟକୁ ଫୋନ୍‌ରେ କଥା ହୋଇ ଯାଉଥିବା ସମୟରେ ଅଭିଯୁକ୍ତଦ୍ୱୟ ପଲସରରେ ପଛରୁ ଆସି ତାଙ୍କୁ ଏକ ଶକ୍ତ ଧକ୍କା ଦେବା ସହ ମୋବାଇଲ ଛଡାଇ ନେଇଥିଲେ। ପୋଲିସ ମାମଲା (ନଂ.୧୭୮/୨୩) ରୁଜୁ କରିଥିଲା। ଗିରଫ ପରେ ଅଭିଯୁକ୍ତଦ୍ୱୟଙ୍କୁ ରବିବାର କୋର୍ଟରେ ହାଜର ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ହସ୍ପିଟାଲ ପରିସରରୁ ଚୋରି, ଜଣେ ଗିରଫ

ଭୁବନେଶ୍ୱର,୧।୧୦(ସୂର୍ଯ୍ୟକାନ୍ତ ବେହେରା) : ଏକ ଘରୋଇ ହସ୍ପିଟାଲରୁ ରୋଗୀଙ୍କ ମୋବାଇଲ ଚୋରି କରିବା ଅଭିଯୋଗରେ ଭରତପୁର ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ କଟକର ହଲିମ ଖାନ। ତାଙ୍କଠାରୁ ବିଭିନ୍ନ କମ୍ପାନୀର ୬ଟି ଚୋରା ମୋବାଇଲ ଜବତ ହୋଇଛି।

# ଚିନ୍ତାରେ ହାଟ ଶ୍ରମିକ, ହନ୍ତସନ୍ତ ଗ୍ରାହକ

ଭୁବନେଶ୍ୱର, ୧।୧୦ (ବନ୍ଦନା ସେଠୀ)

## ୟୁନିଟ୍-୧ ହାଟ ଖୋଲିବା ନେଇ ଆଶଙ୍କା



ଭୁବନେଶ୍ୱରର ସବୁଠାରୁ ବଡ ତଥା ପୁରୁଣା ମାର୍କେଟ ୟୁନିଟ୍-୧ ହାଟ ଗତ ୨୮ ତାରିଖରୁ ବନ୍ଦ ରହିଛି। ଭେଣ୍ଡିଂଜୋନ୍ ବ୍ୟବସାୟୀଙ୍କ ଜବରଦଖଲ ଉଚ୍ଛେଦ, ପାର୍କିଂ ପାଇଁ ସ୍ଥାନ ଓ ଅନ୍ୟାନ୍ୟ ମୌଳିକ ସୁବିଧା ଯୋଗାଇଦେବା ଦାବିରେ ରାଜଧାନୀ ଦୈନିକ ହାଟ ବ୍ୟବସାୟୀ ସଂଘ ମାର୍କେଟ ବନ୍ଦ କରିବା ସହ ଧାରଣାରେ ବସିଛି। ଫଳରେ ହାଟ ଭିତରେ ଥିବା ୧୪୪୦ ବ୍ୟବସାୟୀ ଓ ସେମାନଙ୍କ ଉପରେ ନିର୍ଭର କରି ଚଳୁଥିବା ୩ହଜାରରୁ ଊର୍ଦ୍ଧ୍ୱ ଲୋକ ଏବେ ହାତବାନ୍ଧି ବସିଛନ୍ତି। ବ୍ୟବସାୟୀମାନେ ଯାହା ଯେମିତି ଚଳି ଯାଉଥିଲେ ବି ହାଟରେ ମୂଲିଆ ଭାବେ କାମ କରୁଥିବା ଲୋକ, ଟ୍ରଲିବାଲାଙ୍କ ଅବସ୍ଥା ଖରାପ ହେବାକୁ ବସିଲାଣି। ହାଟ ବନ୍ଦ ଯୋଗୁ କୋଟି କୋଟି ଟଙ୍କାର କାରବାର ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ପାର୍ବଣ ଋତୁ ହୋଇଥିବାରୁ ହାଟକୁ ଆସୁଥିବା ଗ୍ରାହକମାନେ ନିରାଶ ହୋଇ ଫେରୁଛନ୍ତି। ଏପଟେ ଆସୋସିଏଶନ ପକ୍ଷରୁ ଶୁକ୍ରବାର ବିଏମ୍‌ସି କମିଶନରଙ୍କ ସହ ଏନେଇ ଆଲୋଚନା ହୋଇଥିଲା। କମିଶନର ସମୟ ନେବା ସହ ମଙ୍ଗଳବାର ଏନେଇ ଆଲୋଚନା କରିବେ ଓ ତା' ପୂର୍ବରୁ କମିଶନର ନିଜେ ତାଙ୍କ ଟିମ୍ ସହ ମାର୍କେଟ ଯାଇ ସ୍ଥିତି ସମୀକ୍ଷା କରିବେ ବୋଲି କହିଥିଲେ। ମାତ୍ର ଏ ଯାଏ କମିଶନର, ମାର୍କେଟ ଡେପୁଟି କମିଶନର କିମ୍ବା ତାଙ୍କ ଟିମ୍ କେହି ହେଲେ ହାଟକୁ ଆସି ନ ଥିବାରୁ ସଂଘ ସଦସ୍ୟମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଏଥିସହ ସମାଧାନ ନ ହେବା ପର୍ଯ୍ୟନ୍ତ ହାଟ ଖୋଲିବେ ନାହିଁ ବୋଲି ବ୍ୟବସାୟୀମାନେ ନିଷ୍ପତ୍ତି ନେଇଛନ୍ତି। ସେହିପରି ଆଲୋଚନାରୁ କୌଣସି ନିଷ୍କର୍ଷ ନ ବାହାରିଲେ ବ୍ୟବସାୟୀ ସଂଘ ବାଧ୍ୟ ହୋଇ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ଅପରପକ୍ଷେ ହାଟ ବନ୍ଦ ରହିଥିଲେ ମଧ୍ୟ ରବିବାର ଛୁଟିଦିନ ହୋଇଥିବାରୁ ଅନେକ ଗ୍ରାହକ ହାଟ ଖୋଲିବା ଆଶାରେ ଆସି ବହୁ ସମୟ ଅପେକ୍ଷା କରି ଫେରିଥିବା ଦେଖିବାକୁ ମିଳିଥିଲା।

ଏନେଇ ରାଜଧାନୀ ଦୈନିକ ହାଟ ବ୍ୟବସାୟୀ ସଂଘ ସଭାପତି ଗୟାଧର ସ୍ୱାଇଁ କହିଛନ୍ତି, ସହରର ମୁଖ୍ୟ ହାଟ ହୋଇଥିଲେ ବି ଏଠାରେ ପାର୍କିଂ ସୁବିଧା ନାହିଁ। ପୂର୍ବରୁ ହାଟ ସମ୍ମୁଖରେ ଗାଡ଼ି ପାର୍କିଂ କରାଯାଉଥିଲା। ମାତ୍ର ଏବେ ତାହା ଜବରଦଖଲକାରୀଙ୍କ କବ୍‌ଜାରେ ରହୁଛି। ସେହିପରି ୪ଫୁଟରେ ୫ଫୁଟ୍ ଅଞ୍ଚଳ ଭେଣ୍ଡିଂଜୋନ ପାଇଁ ବ୍ୟବସାୟୀଙ୍କୁ ଦିଆଯାଇଥିବାବେଳେ ଏବେ ସେମାନେ ପ୍ରାୟ ୨୦ଫୁଟ ଅଞ୍ଚଳ ମାଡି ବସିଛନ୍ତି। ଏପରିକି ଯେଉଁମାନଙ୍କୁ ଭେଣ୍ଡିଂଜୋନ୍ ଆଲର୍ଟ ହୋଇଥିଲା ସେମାନେ ଭଡ଼ା ଲଗାଇ ଅନ୍ୟତ୍ର ବେପାର କରୁଛନ୍ତି। ପାର୍କିଂ ସମସ୍ୟା ଏତେ ଯେ ଗ୍ରାହକ ତ ଦୂରର କଥା ଖୋଦ୍ ହାଟ ବ୍ୟବସାୟୀଙ୍କୁ ଗାଡ଼ି ରଖିବା ପାଇଁ ହନ୍ତସନ୍ତ ହେବାକୁ ପଡୁଛି। ଏଥିସହ ପାନୀୟ ଜଳ, ଲାଇଟ୍, ଶୌଚାଳୟ ଭଳି ମୌଳିକ ସୁବିଧାରୁ ବଞ୍ଚିତ ଥିବାବେଳେ ବାରମ୍ବାର ଅଭିଯୋଗ କଲେ ବି ବିଏମ୍‌ସି କୌଣସି ପଦକ୍ଷେପ ନେଉନାହିଁ।

### ସମସ୍ୟାର ସ୍ଥାୟୀ ସମାଧାନ ହେବା ଦରକାର



କାଳେ ହାଟ ଖୋଲିଥିବ ବୋଲି ଭାବି ଖଣ୍ଡଗିରିରୁ ଆସିଥିଲି। ମାତ୍ର ଏବେ ଫେରି ଯିବାକୁ ପଡୁଛି। ଏହାର ସ୍ଥାୟୀ ବନ୍ଦୋବସ୍ତ ହେବା ଦରକାର। ଅତ୍ୟାବଶ୍ୟକ ସାମଗ୍ରୀକୁ ଛାଡି ପୂର୍ବ ନିର୍ଦ୍ଧାରିତ ଅନୁଯାୟୀ ପରିବା ମାର୍କେଟକୁ ଭଗବାନପୁରକୁ ସ୍ଥାନାନ୍ତର କରାଯିବା ଦରକାର।

-ବିଜୟ କୁମାର ସଂଗ୍ରାମସିଂ, ଗ୍ରାହକ

### କିଣାକିଣି କରିବାକୁ ଆସି ଫେରୁଥିବାରୁ କଷ୍ଟ ଲାଗୁଛି



ରବିବାର ଥିବାରୁ କିଛି କିଣାକିଣି କରିବାକୁ ଛୋଟ ପୁଅକୁ ଧରି ବାଲିଅନ୍ତାରୁଆସିଥିଲି।କିନ୍ତୁହାଟବନ୍ଦଥିବାରୁଫେରିବାକୁପଡୁଛି। ସ୍ଥାନୀୟ କର୍ତ୍ତୃପକ୍ଷ ତୁରନ୍ତ ଏହାର ସମାଧାନ କରିବା ଦରକାର।

-ଅଙ୍କିତା ବେହେରା, ଗ୍ରାହକ

### ହାଟ ବନ୍ଦ ଥିବାରୁ ଧାର ଉଧାର କରି ଚଳିବାକୁ ପଡୁଛି



୩୦ବର୍ଷ ହେବ ହାଟରେ କୁଲି ଭାବେ କାମ କରୁଛି। ଏଥିରୁ ଯାହା ଆୟ ହୁଏ ସେଥିରେ ୪ ପ୍ରାଣୀ କୁଟୁମ୍ବ ଚଳୁଛୁ। ହାଟ ବନ୍ଦ ଥିବାରୁ କିଛି ରୋଜଗାର ହେଉନି। ଧାର୍ ଉଧାର କରି ଚଳିବାକୁ ପଡୁଛି। ଏମିତି ହାଟ ବନ୍ଦ ରହିଲେ ପିଲାଙ୍କ ମୁହଁରେ କେମିତି ଦାନା ଦେବି କିଛି ଜାଣି ପାରୁନି।

-ରବି ନାରାୟଣ ନାୟକ, ଦିନ ମଜୁରିଆ

### ଅଧିକ ଦିନ ବନ୍ଦ ରହିଲେ ଭୋକରେ ମରିଯିବୁ



କେବଳ ହାଟ ବନ୍ଦ ହୋଇନି, ଆମ ଚୁଲି ଜଳିବା ବନ୍ଦ ହୋଇଯାଇଛି। କାହାଠୁ ମାଗିଯାଚି ୫୦/୧୦୦ ଟଙ୍କା ଆଣି ଚଳୁଛି। ବିଏମ୍‌ସି ଯଥାଶୀଘ୍ର ଏହାର ସମାଧାନ ନ କଲେ ଆମେ ଭୋକ ଉପାସରେ ମରିଯିବୁ।

-ନାଗେଶ୍ୱର ରାଉତ, ଦିନ ମଜୁରିଆ

## ୫ ଶିକ୍ଷକଙ୍କ ଅବସର ଉତ୍ସବ

ବାଲିପାଟଣା,୧।୧୦(ନାୟକ)

ବ୍ଲକରେ ୫ ଜଣ ଶିକ୍ଷକ ରବିବାର ଅବସର ନେଇଛନ୍ତି। ଅପରାହ୍ନରେ ଗାରେଡ଼ିପାଞ୍ଚଣ ପ୍ରଧାନ ଶିକ୍ଷୟିତ୍ରୀ ରଞ୍ଜିତା ମହାନ୍ତି ଚାକିରିରୁ ବିଦାୟ ନେଇଛନ୍ତି। ଜଣେ ଛାତ୍ରବତ୍ସଳ ଶିକ୍ଷୟିତ୍ରୀ ଭାବରେ ପିଲାମାନଙ୍କ ଅତି ପ୍ରିୟ ଥିଲେ। ଏହି ଉପଲକ୍ଷେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ସିଆର୍‌ସିସି ମମିତା ଦଳାଇଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଦାୟୀ ଶିକ୍ଷୟିତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ବିଇଓ ମଞ୍ଜୁଲତା ରାଉତ ଯୋଗଦେଇ ବିଦାୟୀ ଶିକ୍ଷୟିତ୍ରୀଙ୍କୁ ପେନସନ କାଗଜପତ୍ର ପ୍ରଦାନ କରିଥିଲେ। ସେହିପରି ଏହି ବ୍ଲକ ଅଧୀନ ଭାପୁର ଉ.ପ୍ରା. ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମାୟାଧର ମଲିକ, ପଦ୍ମାରିସାହି ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁବାସଚନ୍ଦ୍ର କାଣ୍ଡି, ଫକୀରପଡ଼ା ବିଦ୍ୟାଳୟ ଶିକ୍ଷୟିତ୍ରୀ ସୁଷମା ତରାଇଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ଏଥିରେ ଅତିଥି ଭାବେ ଶିକ୍ଷା ବିଭାଗର ଅବସରପ୍ରାପ୍ତ ଅଧିକାରୀ ସରୋଜିନୀ ପାଣିଗ୍ରାହୀ, ରାଜସ୍ ହାଇସ୍କୁଲ ପ୍ରଧାନ ଶିକ୍ଷକ ଭକ୍ତବତ୍ସଳ ମହାପାତ୍ର, ଶିକ୍ଷାବିତ୍ ପ୍ରଫୁଲ୍ଲ ସାମନ୍ତସିଂହାର, ପ୍ରେସ୍‌କ୍ଲବ୍ ସଭାପତି ଦିଲ୍ଲୀପ ଓଝା, ଶିକ୍ଷକ ସଂଘ ସଭାପତି ଜଗନ୍ନେଶ୍ୱର ମଲ୍ଲିକ, ଆଲୋକ ସାହୁ, ରଶ୍ମିରଞ୍ଜନ ପଣ୍ଡା, ଛବିନାଥ ସାଠୁଆ, ଶ୍ରୀବତ୍ସ ପ୍ରଧାନ, ଜଗବନ୍ଧୁ ମିଶ୍ର ଓ ରମାରଞ୍ଜନ ଦାସ ଯୋଗଦେଇ ବିଦାୟୀ ଶିକ୍ଷକଙ୍କ ଅବସର ଜୀବନର ଶୁଭକାମନା କରିଥିଲେ।

# ଡିଜେ, ନାଗପୁର ଢୋଲରେ କମ୍ପିଲା ଗଣେଶ ଭସାଣି

ବାଲକାଟୀ,୧।୧୦(ମନୋଜ ମଣ୍ଡଳ)

## ବଜାରରେ ଯାତାୟାତ ଠପ୍

ବାଲକାଟୀସ୍ଥିତ ନୂଆପାଟଣା ଗ୍ରାମର ମଦନମୋହନ ୟୁଥ୍ କ୍ଲବ୍ ପକ୍ଷରୁ ରବିବାର ଗଣେଶ ପୂଜା ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଡିଜେ ସହ ନାଗପୁର ଢ଼ୋଲରେ ବାଲକାଟୀ ବଜାର ପ୍ରକମ୍ପିତ ହୋଇଉଠିଥିଲା। ମହାରାଷ୍ଟ୍ର ନାଗପୁରରୁ ଶିବାଜୀ ଢୋଲର ୬୦ ଜଣିଆ କଳାକାର ଉତ୍ସବରେ ଯୋଗଦେଇଥିବାବେଳେ ଏମାନଙ୍କ ମଧ୍ୟରେ ୨୦ ଯୁବତୀ ବାଦ୍ୟକାର ଥିଲେ। ଅପରାହ୍ନ ୫ଟାରେ ଭସାଣି ଆରମ୍ଭ ହୋଇଥିଲା। ଭସାଣି ଦେଖିବାକୁ ସାଢେ ୪ଟାରୁ ଭାର୍ଗବୀ ସେତୁ ପାଖ ଲୋକାରଣ୍ୟ ହୋଇଥିଲା। ଡିଜେ ସାଉଣ୍ଡ ଗୀତର ତାଳେ ତାଳେ ଯୁବପିଢ଼ିଙ୍କ ରଙ୍ଗ ରଙ୍ଗିଆ ନୃତ୍ୟ ମୁଖ୍ୟ ବଜାର ରାସ୍ତାରେ ଶହ ଶହ ସଂଖ୍ୟାରେ ଦର୍ଶକଙ୍କ ଗୁଣ୍ଡ ଏକ ନିଆରା ଦୃଶ୍ୟ ସୃଷ୍ଟି କରିଥିଲା। ନାଗପୁରରୁ ଆସିଥିବା ଢୋଲ ବାଦ୍ୟ ଭସାଣିର ମୁଖ୍ୟ ଆକର୍ଷଣ ଥିଲା। କ୍ଲବ ପକ୍ଷରୁ ପ୍ରଥମ ଥର ପାଇଁ ରାଜ୍ୟ ବାହାରୁ କଳାକାରଙ୍କୁ ଡକା ଯାଇଥିଲା। ପ୍ରଶାସନ ଶବ୍ଦ ପ୍ରଦୂଷଣ ଉପରେ କଟକଣା ଲଗାଇଥିଲେ ମଧ୍ୟ ତାହା କେବଳ କାଗଜ କଲମରେ ସୀମିତ ଥିଲେ। ବଜାର ରାସ୍ତାର କିଛି ଦୂରରେ ବାଲକାଟୀ ଡାକ୍ତରଖାନା ଥିବାବେଳେ ଛାତି ଥରା ଡିଜେରେ ରୋଗୀଙ୍କ ଜୀବନ ଯିବାର ସମ୍ଭାବନା ରହିଛି। ତେବେ ଚଳିତ ସପ୍ତାହରେ ଡିଜେ ଶବ୍ଦରେ ଜଣେ ବ୍ୟକ୍ତି ହୃଦ୍‌ଘାତର ଶିକାର ହୋଇଥିଲେ। ଏହି ଘଟଣା ଜଣାପଡ଼ିବା ପରେ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିୟମ ଅନୁସାରେ ୬୫ଡେସିବଲରୁ ଅଧିକ ଶବ୍ଦ ପ୍ରଦୂଷଣ ସୃଷ୍ଟି କରୁଥିବା ବାଦ୍ୟଯନ୍ତ୍ର ଉପରେ କଟକଣା ଲାଗୁ ହୋଇଛି। ମାତ୍ର ବାଲକାଟୀ ଅଞ୍ଚଳରେ ତାହାର ଖୋଲାଖୋଲି ଉଲ୍ଲଂଘନ ଦେଖିବାକୁ ମିଳିଛି।



ବାଲକାଟୀ ବଜାର ଦେଇ ଯାଉଥିବା ଗଣେଶ ଭସାଣି ଶୋଭାଯାତ୍ରା।

# ରସୁଲଗଡରେ ଏଥର ତାଇୱାନ୍ ବୁଦ୍ଧମନ୍ଦିର



ଭୁବନେଶ୍ୱର,୧।୧୦(ଶର୍ମିଷ୍ଠା ପାଣିଗ୍ରାହୀ)




ରସୁଲଗଡ ଦୁର୍ଗାପୂଜା କମିଟି

ପାଖେଇ ଆସୁଛି ମା' ଦୁର୍ଗାଙ୍କ ପୂଜା। ବ୍ୟାପକ ଆୟୋଜନ ସହ ସବୁଠି ଆରମ୍ଭ ହୋଇଯାଇଛି ଜୋର୍‌ଦାର ପ୍ରସ୍ତୁତି। ୩୧ବର୍ଷରେ ପଦାର୍ପଣ କରିଥିବା ରସୁଲଗଡ଼ ଦୁର୍ଗାପୂଜା କମିଟି ପୂର୍ବବର୍ଷ ଭଳି ଏଥର ମଧ୍ୟ ସ୍ୱତନ୍ତ୍ର ଆୟୋଜନ କରିଛି। ତାଇୱାନ୍‌ର ବୁଦ୍ଧ ମନ୍ଦିର ଆକୃତିରେ ନିର୍ମାଣ ହେବ ପୂଜା ମଣ୍ଡପ ଓ ତୋରଣ। ପୂଜା ପାଇବେ ମା' ଦଶଭୁଜା। ୧୦ରୁ ୧୫ହଜାର ଟଙ୍କାରୁ ଆରମ୍ଭ ହୋଇଥିବା ଏହି ପୂଜା ବଜେଟ୍ ୨୦୧୯ରେ ୮୦ ଲକ୍ଷରେ ପହଞ୍ଚିଥିଲା। କୋଭିଡ୍ ପରେ ପୁଣି ଥରେ ପୂର୍ବାବସ୍ଥାକୁ ଫେରିବା ପାଇଁ ଅଣ୍ଟା ଭିଡୁଛି ମଣ୍ଡପ। ଏଥର ବଜେଟ୍ ପୂର୍ବବର୍ଷ ପରି ୩୫ରୁ ୪୦ଲକ୍ଷ ରହିଛି। କୋଲକାତା କାରିଗରଙ୍କ ଦ୍ୱାରା ନିର୍ମାଣ କରାଯାଉଥିବା ତାଇୱାନ୍ ବୁଦ୍ଧମନ୍ଦିର ତୋରଣର ଉଚ୍ଚତା ୬୫ଫୁଟ୍ ରହିଥିବାବେଳେ ଓସାର ୧୨୦ଫୁଟ୍ ହେବ। ସେହିପରି ମୂର୍ତ୍ତିର ଉଚ୍ଚତା ସହ ମେଢ଼ର ଉଚ୍ଚତା ୨୨ଫୁଟ ରହିବ। ୫ଟି ବଡ଼ ବଡ଼ ଏଲ୍‌ଇଡି ଲାଇଟ୍ ସହ ଆକର୍ଷଣୀୟ ହେବ ଗେଟ୍ ସଜ୍ଜା। ଦର୍ଶକଙ୍କ ମନୋରଞ୍ଜନ ପାଇଁ ମୀନା ବଜାର ସାଙ୍ଗକୁ ବିଭିନ୍ନ ପ୍ରକାର ଦୋଳି ମଧ୍ୟ ବ୍ୟବସ୍ଥା କରାଯାଇଛି। ୫ଦିନ ଧରି ଚାଲିବାକୁ ଥିବା ମେଲୋଡ଼ି କାର୍ଯ୍ୟକ୍ରମକୁ ଦର୍ଶକ ଖୁବ୍ ଉପଭୋଗ କରିବେ। ଷଷ୍ଠୀରୁ ଦଶମୀ ପର୍ଯ୍ୟନ୍ତ ରୀତିନୀତିରେ ମା'ଙ୍କ ପୂଜା କରାଯିବ। ମା'ଙ୍କ ପାଖେ ଖେଚୁଡ଼ି, ଚାରୁଅନ୍ନ, ଦହି ପଖାଳ ଆଦି ଭୋଗ ଲଗାଯିବ। ଭିଡ ନିୟନ୍ତ୍ରଣ ପାଇଁ ପୋଲିସ ମିତ୍ର, ୱାକିଟକିର ବ୍ୟବସ୍ଥା କରାଯିବ।

### ଭିଡ଼ ନିୟନ୍ତ୍ରଣ ପାଇଁ ଧ୍ୟାନ ଦିଆଯାଇଛି



ସମସ୍ତଙ୍କ ସହଯୋଗରେ ପୂଜାର ଆୟୋଜନ କରାଯାଉଛି। ପୂର୍ବ ବର୍ଷ ଭଳି ଏଥର ପ୍ରାୟ ସେହି ସବୁ ବ୍ୟବସ୍ଥା କରାଯାଉଛି। ୧୫ଦିନରୁ ଅଧିକ ହେବ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ପୂର୍ବ ବର୍ଷ ଶ୍ରଦ୍ଧାଳୁଙ୍କ ଭିଡ ଅଧିକ ଥିଲା। ଏଥର ମଧ୍ୟ ଭିଡ଼ ନିୟନ୍ତ୍ରଣ ଉପରେ ଧ୍ୟାନ ଦିଆଯିବ। ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମୀନା ବଜାରକୁ ଦର୍ଶକ ଉପଭୋଗ କରିବେ। ତେଣୁ ତାହା ଉପରେ ମଧ୍ୟ ନଜର ଦେଇଛି କମିଟି। ମା'ଙ୍କ ଆଶିଷ ଅଛି, ସବୁ ଭଲରେ ହେବ।

-ମଳୟ କୁମାର ରାଉତରାୟ, ସଭାପତି

### ପିଇବା ପାଣି, ଫାଷ୍ଟଏଡ୍‌ର ବ୍ୟବସ୍ଥା



ପୂଜାଠୁ ନେଇ ଭସାଣି ଯାଏ ସମସ୍ତ ବ୍ୟବସ୍ଥା ଠିକ୍ ଭାବେ କିଭଳି ସମ୍ପାଦିତ ହେବ ତାହାକୁ ଧ୍ୟାନ ଦେବୁ। କମିଟି ପକ୍ଷରୁ ସେନେଇ ଆଲୋଚନା କରାଯାଇଛି। ଶ୍ରଦ୍ଧାଳୁଙ୍କ ସୁରକ୍ଷାକୁ ଗୁରୁତ୍ୱ ଦିଆଯିବ। ସିସିଟିଭି କ୍ୟାମେରା ସାଙ୍ଗକୁ ଅଗ୍ନିଶମ ବ୍ୟବସ୍ଥା ଓ ୫୦ଜଣ ସ୍ୱେଚ୍ଛାସେବୀ ରହିବେ। ପିଇବା ପାଣି, ଫାଷ୍ଟଏଡ୍ ବ୍ୟବସ୍ଥା ମଧ୍ୟ ରହିବ। କୁଆଖାଇ ନଦୀଠାରେ ମା'ଙ୍କୁ ବିସର୍ଜନ ଦିଆଯିବ।

-ପ୍ରଦୀପ ଜେନା,ସମ୍ପାଦକ

## ରାଜ୍ୟ ଗ୍ରନ୍ଥାଗାରରେ ପଞ୍ଚମ ପ୍ରେରଣାଦାୟୀ ବକ୍ତୃତାମାଳା

ଭୁବନେଶ୍ୱର,୧।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ରାଜ୍ୟ ଗ୍ରନ୍ଥାଗାରରେ ରବିବାର ପାଠିକାପାଠକଙ୍କୁ ମାର୍ଗଦର୍ଶନ ପୂର୍ବକ ପଞ୍ଚମ ପ୍ରେରଣାଦାୟକ ବକ୍ତୃତାମାଳା ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ବିଭାଗୀୟ ନିର୍ଦ୍ଦେଶକ ଦିଲୀପ ରାଉତରାଏ ପୌରୋହିତ୍ୟ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର ଖାରବେଳ ମହାନ୍ତି ଯୋଗଦେଇ ପାଠିକାପାଠକଙ୍କୁ ସ୍ୱପ୍ନ ଦେଖିବା ପାଇଁ ପ୍ରେରଣା ଦେଇଥିଲେ। କାର୍ଯ୍ୟକ୍ରମକୁ ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ଅତସୀ ଦାସ ସଂଯୋଜନା କରିଥିଲେ। ଗ୍ରନ୍ଥାଧ୍ୟକ୍ଷ ରୁଦ୍ର ପ୍ରସାଦ ବେହେରା ସ୍ୱାଗତ ଭାଷଣ ଓ ଗ୍ରନ୍ଥାଧ୍ୟକ୍ଷ ସଂଘମିତ୍ରା ସାହୁ ଧନ୍ୟବାଦ ଦେଇଥିଲେ।

## ସାମ୍ବାଦିକତା ଛାତ୍ରୀଛାତ୍ରଙ୍କ ଓରିଏଣ୍ଟେଶନ କାର୍ଯ୍ୟକ୍ରମ




ଭୁବନେଶ୍ୱର, ୧।୧୦ (ବନ୍ଦନା ସେଠୀ)

ଉତ୍କର୍ଷତା ହାସଲ ଦିଗରେ ଛାତ୍ରୀଛାତ୍ରଙ୍କୁ ସମସ୍ତ ସହଯୋଗ ଅଗ୍ରାଧିକାର ଭାବେ ପ୍ରଦାନ କରାଯିବ ବୋଲି ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଜି.ଏମ୍ ଖାଁ କହିଛନ୍ତି। ମହାବିଦ୍ୟାଳୟର ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗରେ ଯୋଗଦେଇଥିବା ନୂତନ ଛାତ୍ରୀଛାତ୍ରଙ୍କ ପାଇଁ ଅନୁଷ୍ଠିତ ଓରିଏଣ୍ଟେଶନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଡ. ଖାଁ ଏହା କହିଛନ୍ତି। ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟ ଉପାଧ୍ୟକ୍ଷା ଡ. ମଧୁବ୍ରତା ଶତପଥୀ ଯୋଗଦେଇ କହିଲେ, ଉତ୍କର୍ଷତା ହାସଲ ପାଇଁ ଆବଶ୍ୟକ ଦକ୍ଷତା ଆଜିର ଛାତ୍ରୀଛାତ୍ରଙ୍କ ପାଖରେ ରହିଛି। ସେହି ଦକ୍ଷତାକୁ ଆହୁରି ଶାଣିତ କରିବା ଦିଗରେ ମହାବିଦ୍ୟାଳୟ ସମସ୍ତ ସହଯୋଗ ଯୋଗାଇଦେବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଓଟିଭିର କର୍ପୋରେଟ ଏଫାୟାର୍ସ ନିର୍ଦ୍ଦେଶକ ମାନସ ସାହୁ ଛାତ୍ରୀଛାତ୍ରମାନେ ଗଣମାଧ୍ୟମରେ କ୍ୟାରିଅର କରିବା ଦିଗରେ ଆବଶ୍ୟକ କୌଶଳ ଉପରେ ଆଲୋକପାତ କରିଥିଲେ। ହେରିଟେଜ୍ ଭିଜନ୍ ଟ୍ରଷ୍ଟର ମୁଖ୍ୟ ଟ୍ରଷ୍ଟି ମହେଶ ପଟ୍ଟନାୟକ ଛାତ୍ରୀଛାତ୍ରଙ୍କୁ ଲକ୍ଷ୍ୟ ହାସଲ ହେବାଯାଏ ସଂଘର୍ଷ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ବିଭାଗୀୟ ମୁଖ୍ୟ ଡ. ନଳିନୀ କୁମାର ପାତ୍ର ଓ ଅଧ୍ୟାପକ ଦେବାଶିଷ ନାୟକ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ଉପଦେଶ ଦେଇଥିଲେ। ଅଧ୍ୟାପିକା ରାଜଲକ୍ଷ୍ମୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଅଘୋଷିତ ବିଦ୍ୟୁତ୍‌କାଟ ପ୍ରତିବାଦରେ ବୈଠକ

ନିରାକାରପୁର,୧।୧୦(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ନିରାକାରପୁର ଅଞ୍ଚଳରେ ବାରମ୍ବାର ବିଦ୍ୟୁତ୍‌କାଟ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଏନେଇ ରବିବାର ସ୍ଥାନୀୟ ଶ୍ରୀରାମ ମନ୍ଦିର ପରିସରରେରେ ଥିବା ମାରୁତି ମଣ୍ଡପରେ ୧୨ଟି ପଞ୍ଚାୟତର ଲୋକ ପ୍ରତିନିଧିମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରୀରାମ ଦୟା ପରିଷଦର ସମ୍ପାଦକ ଗଙ୍ଗାଧର ତ୍ରିପାଠୀ ପୌରୋହିତ୍ୟ କରିଥିଲେ। ଉପସ୍ଥିତ ପ୍ରତିନିଧିମାନେ ବିଦ୍ୟୁତ୍ ସେବାର ବ୍ୟତିକ୍ରମ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ଆଗାମୀ ଦିନରେ ବିଦ୍ୟୁତ୍‌କାଟ ହେଲେ ଅଞ୍ଚଳର ବୁଦ୍ଧିଜୀବୀ, ସମାଜସେବୀ, ମୁରବିଙ୍କୁ ନେଇ ଏକ ବୈଠକ ହେବ। ଏକ ସ୍ଥାୟୀ ଉପଭୋକ୍ତା କମିଟି ଗଠନ କରାଯିବ। ଆଞ୍ଚଳିକ ପ୍ରତିନିଧିମାନଙ୍କ ଦ୍ୱାରା ଏକ ଅଭିଯୋଗପତ୍ର ବିଭାଗୀୟ ଅଧିକାରୀଙ୍କୁ ଆସନ୍ତା ୬ ତାରିଖରେ ପ୍ରଦାନ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଏହାର ସ୍ଥାୟୀ ପ୍ରତିକାର କରାନଗଲେ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରାଯିବ। ଏହି ବୈଠକରେ ଡିଆ, ରାମେଶ୍ୱର, ନିରାକାରପୁର, ଲେଣ୍ଡୋ, ଗଡ଼ଖାରଦ, ଦେଇପୁର, ସାହୁପଡ଼ା, କାଦୁଆ, ବାକୁ, ଦିବ୍ୟସିଂହପୁର, ବାଦଲ, ଦୋଛଆ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଉପସ୍ଥିତ ଥିଲେ।

### ବିଦ୍ୟାପୀଠରେ ସ୍ୱଚ୍ଛତା ପକ୍ଷ

ଟାଙ୍ଗୀ,୧।୧୦(ରଘୁନାଥ ସାହୁ)

ଟାଙ୍ଗୀ ବଳରାମଦେବ ବିଦ୍ୟାପୀଠରେ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି। ଏହି ଅବସରରେ ଏନ୍‌ସିସି କ୍ୟାଡେଟ୍ ଓ ସ୍କାଉଟ ଗାଇଡର ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ପରିସର ପରିଷ୍କାର କରିଥିଲେ। ଏକ ଶୋଭାଯାତ୍ରାରେ ଯାଇ ଜନସାଧାରଣଙ୍କୁ ସଚେତନତା ବାର୍ତ୍ତା ବାଣ୍ଟିଥିଲେ। ପ୍ରଧାନଶିକ୍ଷକ ବିଶ୍ୱଜିତ ପଲାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିଥିଭାବେ ପୁରାତନ ଛାତ୍ର ସଂସଦ ସମ୍ପାଦକ ବିଜୟ କୁମାର ରାଉତ, ଶିକ୍ଷାବିତ୍ ସୁରେନ୍ଦ୍ର କୁମାର ରାଉତ ଯୋଗଦେଇ ମନ୍ତବ୍ୟ ରଖିଥିଲେ। ଶିକ୍ଷକ ଦିଲୀପ କୁମାର ମୋଦି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶୁଭେନ୍ଦୁ ସାମନ୍ତରାୟ, ଭାସ୍କର ତରାଇଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

### ମନ୍ଦିର, ବିଦ୍ୟାଳୟ ପରିସର ହେଲା ସଫେଇ

ବାଲୁଗାଁ, ୧।୧୦(ସଂଗ୍ରାମ ପାଇକରାୟ)

ବାଲୁଗାଁ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା, ସମର ଶିକ୍ଷାର୍ଥୀ ବାହିନୀ ଏବଂ ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦର ମିଳିତ ଆନୁକୂଲ୍ୟରେ ରବିବାର ସ୍ୱଚ୍ଛତା ହିଁ ସେବା ଅଭିଯାନ ପାଳନ କରାଯାଇଛି। ଏହି ଅବସରରେ ସରଳାପଦର, କେ.କେ.ନୂଆଗାଁ, ବିଶ୍ୱାଳ ସାହି, ପାଟଣା ସାହି, ମାଛ ବଜାର, ବାଲୁଗାଁ ଉଚ୍ଚ ବିଦ୍ୟାଳୟ, ପୋଲିସ ଷ୍ଟେସନ ସମେତ ହନୁମାନ ଏବଂ ଉମାମହେଶ୍ୱର ମନ୍ଦିର ପ୍ରାଙ୍ଗଣକୁ ଆବର୍ଜନା ମୁକ୍ତ କରିବା ନିମନ୍ତେ ପ୍ଲାଷ୍ଟିକ ଜରି ଓ ଅନ୍ୟାନ୍ୟ ଆବର୍ଜନା ସଫେଇ କରାଯାଇଥିଲା। ଏହି ଅଭିଯାନରେ ଏନ୍‌ଏସ୍‌ଏସ୍ ଅଧ୍ୟକ୍ଷ ସୁକାନ୍ତି ପାଇକରାୟ, ଉପାଧ୍ୟକ୍ଷ ଭଗବାନ ପ୍ରଧାନ, ସଫେଇ ସୁପରଭାଇଜର ନବକିଶୋର ତରାଇ, କାର୍ଯ୍ୟକ୍ରମ ଅଧିକାରୀ ଡ.ଲକ୍ଷ୍ମୀଧର ସୁବୁଦ୍ଧି, ଏନ୍‌ସିସି ଅଧିକାରୀ ଡ.ଅକ୍ଷୟ କୁମାର ମିଶ୍ର ଉପସ୍ଥିତ ରହି ସ୍ୱଚ୍ଛତା ହିଁ ସେବାର ବାର୍ତ୍ତା ପଦଯାତ୍ରା ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ସେହିପରି ଡିଏଭି ଗୁରୁକୁଳ ଏବଂ ଭେଙ୍କଟେଶ୍ୱର ଶିକ୍ଷାନୁଷ୍ଠାନ ପକ୍ଷରୁ ମଧ୍ୟ ସ୍ୱଚ୍ଛତା ଅଭିଯାନ ପାଳିତ ହୋଇଥିଲା।

# ବରିଷ୍ଠ ନାଗରିକ ସମାଜର ମାର୍ଗଦର୍ଶକ

ଟାଙ୍ଗୀ/ଜଟଣୀ,୧।୧୦
(ରଘୁନାଥ ସାହୁ/ରବୀନ୍ଦ୍ରନାଥ ମହାକୁଡ)


ସମ୍ବର୍ଦ୍ଧିତ ବରିଷ୍ଠ ନାଗରିକମାନେ।

ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବଳରାମଦେବ ବିଦ୍ୟାପୀଠ ସମ୍ମିଳନୀ କକ୍ଷରେ ରବିବାର 'ବରିଷ୍ଠ ନାଗରିକ ସମାଜର ମାର୍ଗଦର୍ଶକ' ଶୀର୍ଷକ ଆଲୋଚନାଚକ୍ର ଓ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସଂଗଠକ ବିଜୟ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିଥିଭାବେ ଡା. ମଧୁସୂଦନ ସେନାପତି, ଅବସରପ୍ରାପ୍ତ ବିଚାରପତି ନାରାୟଣ ମହାପାତ୍ର, ଜଗନ୍ନାଥ ସଂସ୍କୃତି ଗବେଷକ ଡ. ଚନ୍ଦ୍ରଶେଖର ଦାଶ, ବରିଷ୍ଠ ସାମ୍ବାଦିକ ରଘୁନାଥ ସାହୁ, ପ୍ରଧାନ ଶିକ୍ଷକ ବିଶ୍ୱଜିତ ପଲାଇ, ଅଧ୍ୟାପକ ଡ. କୈଳାସ ଚନ୍ଦ୍ର ମହାରଣା ଯୋଗଦେଇ ବର୍ତ୍ତମାନ ସମାଜରେ ବରିଷ୍ଠ ନାଗରିକଙ୍କ ଆବଶ୍ୟକତା ଉପରେ ସଚେତନତା ଅଣାଯିବା ସହ ସମାଜ ପ୍ରତି ସେମାନଙ୍କର ଅବଦାନକୁ ଏହି ଦିବସରେ ସ୍ମରଣ ତଥା ସ୍ୱୀକାର କରାଯାଇଥାଏ ବୋଲି ମନ୍ତବ୍ୟ ରଖିଥିଲେ। ସେମାନଙ୍କର ଅଭିଜ୍ଞତାକୁ ନେଇ ସୁସ୍ଥ ସମାଜ ଗଠନ କରାଯାଇପାରିବ। ବରିଷ୍ଠ ନାଗରିକଙ୍କୁ ମାଗଣା ସ୍ୱାସ୍ଥ୍ୟସେବା, ରେଳ, ବସ୍ ଯାତ୍ରାରେ ରିହାତି ପ୍ରଦାନ, ସ୍ଥାନୀୟ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ସୁରକ୍ଷା ଦିଆଯିବା ପାଇଁ ଦାବି ହୋଇଥିଲା। ଏହି ଅବସରରେ ବିଭିନ୍ନ ପଞ୍ଚାୟତ ଅଞ୍ଚଳର ସମାଜସେବାରେ ନିୟୋଜିତ ଥିବା ବରିଷ୍ଠ ନାଗରିକ ଓ ପୂର୍ବତନ ସେନାନୀ ଚିଲିକା ଶାଖାର ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରବୀନ୍ଦ୍ର ସାମନ୍ତରାୟ, ସଚିତ୍ର ସାମନ୍ତରାୟ, ସୁରେନ୍ଦ୍ର ରାଉତ, ବିଶ୍ୱଜିତ ରାଉତରାୟ, ପ୍ରଭାକର ବିଶ୍ୱାଳ, ଦିଲୀପ ନାଥ, ଗଙ୍ଗାଧର ପ୍ରଧାନ, ଦଣ୍ଡପାଣି ବେହେରା, ଶତ୍ରୁଘ୍ନ ପ୍ରଧାନ, ବିଜୟ ପ୍ରଧାନ, ଘନଶ୍ୟାମ ମହାନ୍ତି ପ୍ରମୁଖଙ୍କୁ ନେଇ ଏକ ୧୧ଜଣିଆ ପରାମର୍ଶ କମିଟି ଗଠନ କରାଯାଇଛି। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ରବୀନ୍ଦ୍ର ନାୟକ। ସାଇ ସରନ୍ୟା ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। କବି କାହ୍ନୁ ଚରଣ ମିଶ୍ର, ପ୍ରଦୀପ ସାହୁ, ବିଜୟିନୀ ସୁଦକ୍ଷିଣା ଦାଶ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଅଧ୍ୟାପକ ସୁଶିଲ ମହାପାତ୍ର ଶ୍ଳୋକ ଆବୃତ୍ତି କରିଥିଲେ। ଅଶ୍ୱିନୀ ଦାସ, ଶୁଭେନ୍ଦୁ ସାମନ୍ତରାୟ, ବୀରେନ ସାହୁ, ଡା. ବିଶ୍ୱଜିତ ମହାପାତ୍ର, ସନ୍ତୋଷ ବେହେରା ପ୍ରମୁଖ ସହଯୋଗ କରିଥିଲେ।

ଜଟଣୀ ବରିଷ୍ଠ ନାଗରିକ ସେବା ସଂଘ ପକ୍ଷରୁ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ବରିଷ୍ଠ ନାଗରିକ ସେବା ସଂଘ ସଭାପତି ଅବନୀ କୁମାର ରାଉତରାୟଙ୍କ ସଭାପତିତ୍ୱରେ ତିରିମଲସ୍ଥିତ ରାଣୀପୁର ଗ୍ରାମରେ ଥିବା ବାପା ମା' ସେବାଶ୍ରମ ପରିସରରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ନାଗରିକ ସେବା ସଂଘର ସଭାପତି ରାଉତରାୟ କହିଥିଲେ, ବରିଷ୍ଠ ନାଗରିକ ଏକ ସୁସ୍ଥ ସମାଜର ପଥ ପ୍ରଦର୍ଶକ ଓ ଦିଗ୍‌ଦର୍ଶକ। କୌଣସି ଦେଶର ଉନ୍ନତି ଏବଂ ବିକାଶ ସଦାସର୍ବଦା ବରିଷ୍ଠଙ୍କ ମାର୍ଗଦର୍ଶନରେ ସମ୍ଭବ ହୋଇଥାଏ। ଏହି ଅବସରରେ ଉକ୍ତ ବାପାମାଙ୍କ ସେବାଶ୍ରମ ପରିସରରେ ଅନ୍ତେବାସୀ ଓ ବରିଷ୍ଠ ନାଗରିକ ନାମ ସଂକୀର୍ତ୍ତନ କରିଥିଲେ। ସେବାଶ୍ରମ ପକ୍ଷରୁ ବରିଷ୍ଠ ନାଗରିକ ଦିବାକର ମଙ୍ଗରାଜ, ତ୍ରିନାଥ ସାମନ୍ତରାୟ, କିଶୋର ପାଇକରାୟ, ବୈକୁଣ୍ଠ ବରାଳ, ଅବନୀ ରାଉତରାୟ ଏବଂ ଜବାହାରଲାଲ ସୁବୁଦ୍ଧିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ନାଗରିକ ସେବା ସଂଘ ସମ୍ପାଦକ ଜବାହାରଲାଲ ସୁବୁଦ୍ଧି, ବାପା ମା ସେବାଶ୍ରମ ପ୍ରତିଷ୍ଠାତା ଡ. ଗୌତମ ମହାରଣା, ସଭାପତି ଜ୍ୟୋତି ମହାରଣା, ବାସୁଦେବ ସେଠୀଙ୍କ ସମେତ ବହୁ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ। ସେହିପରି ଜଟଣୀ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ମଞ୍ଚ ସଭାପତି ପ୍ରହ୍ଲାଦ ସାହୁଙ୍କ ସଭାପତିତ୍ୱରେ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଗାନ୍ଧୀ ପାର୍କଠାରୁ ଡମଣେଇ ମନ୍ଦିର ପର୍ଯ୍ୟନ୍ତ ଅନୁଷ୍ଠିତ ପଦଯାତ୍ରାରେ ବରିଷ୍ଠ ନାଗରିକଙ୍କ ସୁରକ୍ଷା ଓ ସମାଜର ହିତ ଉଦ୍ଦେଶ୍ୟରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଉତ୍ତରାୟଣୀ କ୍ଲବ ପରିସରରେ ଆୟୋଜିତ ସଭାରେ ଜଟଣୀ ନଗରପାଳ ଅନନ୍ତ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ବରିଷ୍ଠଙ୍କ ପରାମର୍ଶ ଓ ମତାମତ ସମାଜର ବିକାଶ ପାଇଁ ଆବଶ୍ୟକ। ଏହି ଅବସରରେ ଜଟଣୀ ଅଞ୍ଚଳର ୫ଜଣ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ୧୭ ଦିନରେ ୧୬୭୮ ୟୁନିଟ୍ ରକ୍ତ ସଂଗ୍ରହ

ବୋଲଗଡ଼,୧।୧୦(ଦେବବ୍ରତ ହୋତା)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଓ ସ୍ଥାନୀୟ ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କ ଆହ୍ୱାନରେ ବିଜୁ ଯୁବ ଜନତା ଦଳ ପକ୍ଷରୁ ବୋଲଗଡ଼ ଓ ବେଗୁନିଆ ବ୍ଲକର ୩୧ଟି ପଞ୍ଚାୟତରେ ଗତ ୧୪ରୁ ୩୦ ତାରିଖ ମଧ୍ୟରେ ଅନୁଷ୍ଠିତ ହୋଇଥିବା ଓଡ଼ିଶା ମୋ ପରିବାର ଜୀବନବିନ୍ଦୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ମୋଟ୍ ୧୬୭୮ ୟୁନିଟ ରକ୍ତ ସଂଗ୍ରହ ହୋଇଛି। ଏନେଇ ବିଧାୟକ ସାହୁ ସମସ୍ତ ରକ୍ତଦାତା ଓ ବ୍ଲଡ ବ୍ୟାଙ୍କ ଅଧିକାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ପଦକ୍ଷେପ ପାଇଁ ବିଧାୟକ ସାହୁଙ୍କ ଦ୍ୱାରା ମନୋନୀତ ଟିମର ପ୍ରତିନିଧିଙ୍କୁ ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାତା ଦିବସ ଅବସରରେ ଓଡ଼ିଶାର ବିଭିନ୍ନ ବ୍ଲଡ ବ୍ୟାଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଛି। ଖୋର୍ଦ୍ଧା ବ୍ଲଡ ବ୍ୟାଙ୍କ ଓ ସେଣ୍ଟ୍ରାଲ ବ୍ଲଡ ବ୍ୟାଙ୍କ, କଟକ ଦ୍ୱାରା ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ଭାରତୀୟ ରେଡକ୍ରସ ସୋସାଇଟି ଭୁବନେଶ୍ୱର ଦ୍ୱାରା ଶୁଭକାନ୍ତ ମହାପାତ୍ର ଓ ନୟାଗଡ଼ ବ୍ଲଡ ବ୍ୟାଙ୍କ ଦ୍ୱାରା ଅନିଲ କୁମାର ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସମସ୍ତ ନିର୍ବାଚିତ ପ୍ରତିନିଧି, ଛାମୁଆ କର୍ମୀ, ମିଶନ ଶକ୍ତି ମା' ଓ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି ବିଧାୟକ ସାହୁ ଏବଂ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ଅଭିଷେକ ସିଂହସାମନ୍ତ।


ଖୋର୍ଦ୍ଧା: ସ୍ୱାଧୀନତା ସଂଗ୍ରାମୀ ଗୋକୁଳ ମୋହନ ରାୟଚୁଡ଼ାମଣିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

## ଅଟୋରେ ମଦ ଚାଲାଣ, ବେପାରୀ ଗିରଫ

ବାଲୁଗାଁ,୧।୧୦(ସଂଗ୍ରାମ ପାଇକରାୟ)

ଖୋର୍ଦ୍ଧା ଜିଲା ଅବକାରୀ ଭ୍ରାମ୍ୟମାଣ ଟିମ୍, ଟାଙ୍ଗୀ ଓ ବାଲୁଗାଁ ବିଭାଗୀୟ ଅଧିକାରୀ ମିଳିତଭାବେ ଚଢ଼ାଉ କରି ରବିବାର ସକାଳେ ବେଆଇନ ଭାବେ ଚୋରା ଚାଲାଣ ହେଉଥିବା ବିପୁଳ ପରିମାଣର ନକଲି ବିଦେଶୀ ମଦ ସହ ଏକ ଅଟୋ ଜବତ କରିଛନ୍ତି। ଏଥିରେ ସମ୍ପୃକ୍ତି ନେଇ ବ୍ୟବସାୟୀ ଗଞ୍ଜାମ ଜିଲା ଅଙ୍ଗାର ଗାଁ ବୋରିଆ ସାହିର ତ୍ରିନାଥ ବିଶ୍ୱାଳଙ୍କୁ ଗିରଫ କରାଯାଇଛି। ସୂଚନା ମୁତାବକ, ଶନିବାର ବିଳମ୍ବିତ ରାତିରେ ଏକ ଯାତ୍ରୀବାହୀ ଅଟୋରେ ବିପୁଳ ପରିମାଣର ବିଦେଶୀ ମଦ ବାଣପୁର ଅଭିମୁଖେ ଚାଲାଣ ହେଉଥିବା ନେଇ ଅବକାରୀ ବିଭାଗକୁ ସୂଚନା ମିଳିଥିଲା। ଅବକାରୀ ଟିମ୍ ବାଣପୁର ନିକଟ ସାନ ସିରେଇପୁରସ୍ଥିତ ବନ ବିଭାଗ ତନଖି ଫାଟକଠାରେ ଛକି ରହିଥିଲେ। ସକାଳ ୭ଟାରେ ଓଡି୦୭ ପି ୦୦୧୫ ନମ୍ବର ବିଶିଷ୍ଟ ଏକ ଅଟୋକୁ ତଲାସି କରାଯିବାରୁ ସେଥିରୁ ୨ଶହଟି ବିଦେଶୀ ମଦ ବୋତଲ ଜବତ ହୋଇଥିଲା। ତେବେ ଜବତ ମଦକୁ ବିଭାଗୀୟ ଅଧିକାରୀ ଯାଞ୍ଚ କରିବାରେ ତାହା ନକଲି ବୋଲି ଜଣାପଡ଼ିଥିଲା। ତ୍ରିନାଥ ଏହା ନକଲି ବୋଲି ସ୍ୱୀକାର କରିଥିବା ବେଳେ ଗତ ଦୁଇ ବର୍ଷ ହେବ ବ୍ରହ୍ମପୁର ଅଞ୍ଚଳରେ ପ୍ରସ୍ତୁତ ଏହି ମଦକୁ ବାଣପୁର ଏବଂ ଅନ୍ୟାନ୍ୟ ଅଞ୍ଚଳକୁ ଚାଲାଣ କରିଆସୁଥିଲା। ଏହି ଚଢ଼ାଉରେ ଖୋର୍ଦ୍ଧା ଭ୍ରାମ୍ୟମାଣ ଟିମ୍‌ର ଅଧିକାରୀ ରୋହିତ ଦଣ୍ଡସେନ, ମହିଳା ଅଧିକାରୀ ନୀଳିମା ଜୟନ୍ତୀ ସ୍ୱାଇଁ, ଟାଙ୍ଗୀ ଅବକାରୀ ନିରୀକ୍ଷକ ନାରାୟଣ ଜେନା, ବାଲୁଗାଁ କାର୍ଯ୍ୟାଳୟର ତପନ ସ୍ୱାଇଁ ପ୍ରମୁଖ ସାମିଲ ହୋଇଥିଲେ।

# 'ଗୋକୁଳ ମୋହନ ରାୟଚୂଡ଼ାମଣିଙ୍କ ତ୍ୟାଗ ଅତୁଳନୀୟ'

ଖୋର୍ଦ୍ଧା,୧।୧୦(ପ୍ରଭାତ ପାଣିଗ୍ରାହୀ)

**୧୭ତମ ଶ୍ରାଦ୍ଧବାର୍ଷିକୀ ପାଳିତ**

ସ୍ୱାଧୀନତା ସଂଗ୍ରାମୀ ଗୋକୁଳ ମୋହନ ରାୟଚୁଡ଼ାମଣିଙ୍କ ୧୭ତମ ଶ୍ରାଦ୍ଧ ବାର୍ଷିକୀ ଉତ୍ସବ ରବିବାର ଗୋକୁଳ ମୋହନ ରାୟଚୂଡ଼ାମଣି ସ୍ମୃତି ସଂସଦ ପକ୍ଷରୁ ବିଡିଏ କଲୋନୀସ୍ଥିତ ପ୍ରତିମୂର୍ତ୍ତିସ୍ଥଳରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ରଙ୍କ ସମେତ ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ, ଆଇନଜୀବୀ ଏବଂ ସାମାଜିକ କର୍ମୀ ଯୋଗଦେଇ ଗୋକୁଳ ମୋହନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ପୁରୀ ଜିଲାର ନିମାପଡ଼ାସ୍ଥିତ ଭୋଦର ଗ୍ରାମରେ ଗୋକୁଳ ମୋହନ ଜନ୍ମଗ୍ରହଣ କରିଥିଲେ ମଧ୍ୟ ଖୋରଧାକୁ ନିଜ କର୍ମଭୂମି ଭାବେ ଗ୍ରହଣ କରିଥିଲେ । ଜଣେ ସାମ୍ୟବାଦୀ ଓ ଗାନ୍ଧୀବାଦୀ ନେତା ଭାବେ ସେ ଲବଣ ସତ୍ୟାଗ୍ରହ, ଭାଗଚାଷୀ ଆନ୍ଦୋଳନ, ଭାରତ ଛାଡ଼ ଆନ୍ଦୋଳନ, ଗଡ଼ଜାତ ଆନ୍ଦୋଳନ, ପ୍ରଜା ଆନ୍ଦୋଳନ, ଜମିଦାରୀ ପ୍ରଥା ଉଚ୍ଛେଦ, ସରୋବରାକାର ପ୍ରଥା ଉଚ୍ଛେଦ, ଖାସମାହାଲ ଆଇନକୁ ରଦ୍ଦ କରିବା ପାଇଁ ବିଭିନ୍ନ ସମୟରେ ବ୍ରିଟିଶ ବିରୋଧରେ ଆନ୍ଦୋଳନ କରି ବହୁବାର ବାଲେଶ୍ୱର, ପୁରୀ ଓ ପାଟଣା ଜେଲରେ କାରାବନ୍ଦୀ ହୋଇଥିଲେ। ସେ ଖୋର୍ଦ୍ଧାରେ ବିଦେଶୀ ବସ୍ତ୍ର ବର୍ଜନର ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଭାରତ ସ୍ୱାଧୀନତା ଲାଭ କଲା ପରେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖ ଦିନ ଖୋର୍ଦ୍ଧାରେ ପ୍ରଥମେ ସେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସ୍ୱାଧିନତା ସଂଗ୍ରାମୀ ପ୍ରାଣନାଥ ପଟ୍ଟନାୟକଙ୍କ ସହଯୋଗୀ ଭାବେ ପ୍ରାଣନାଥ ମହାବିଦ୍ୟାଳୟ ପ୍ରତିଷ୍ଠା କରିବାରେ ସେ ସହଯୋଗ କରିଥିଲେ। କମ୍ୟୁନିଷ୍ଟ ନେତା ଭଗବତୀ ପାଣିଗ୍ରାହୀ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କର ସେ ସମସାମୟିକ ଥିଲେ। ଖୋର୍ଦ୍ଧା ଜିଲା ଗଠନ ଆନ୍ଦୋଳନରେ ସେ ନିଜକୁ ସାମିଲ କରିଥିଲେ । ତାଙ୍କ ରଚିତ ପୁସ୍ତକ ରକ୍ତସିକ୍ତ ଖୋର୍ଦ୍ଧାରେ ମୋ ସଂଗ୍ରାମ, ହଳେ ଚପଲ, ପଦାତିକ ଆଦି ଜନାଦୃତ ହୋଇପାରିଛି। ଆଇନ୍‌ଜୀବୀ ନରେନ୍ଦ୍ର ପୃଷ୍ଟିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶ୍ରାଦ୍ଧୋତ୍ସବରେ ପ୍ରାକ୍ତନ କୁଳପତି ମେଜର କ୍ଷୀରୋଦ ମହାନ୍ତି, ମନ୍ଦିରା ରାୟ ଚୂଡ଼ାମଣି, ପୌର ଉପାଧ୍ୟକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି, ଆଇନଜୀବୀ ଡ. ବୃନ୍ଦାବନ ପଣ୍ଡା, ଶିଶିର ପରିଡ଼ା, ବିଜୟ ସାମନ୍ତ ସିଂହାର, ଭବାନୀ ଦାଶ, ନିରଞ୍ଜନ କର, ସତ୍ୟବାଦୀ ବଳିୟାରସିଂହ, ଇତିଶ୍ରୀ ସାହୁ, ବାସନ୍ତୀ ମହାପାତ୍ର, ପ୍ରମୋଦ ଦାସ, ବିଭୁପ୍ରସାଦ ହରିଚନ୍ଦନ, ପୂର୍ବତନ ଆରକ୍ଷୀ ଅଧୀକ୍ଷକ ଦେବୀପ୍ରସାଦ ମଜୁମଦାର, ପ୍ରଫୁଲ୍ଲ ସାମନ୍ତରାୟ, ସୁବାସ ସାମନ୍ତରାୟ, ଜ୍ଞାନ ଦାସ, ପାଇକଗୁରୁ ବିମଳ ସାମନ୍ତରାୟ, ଗଦାଧର ରଥଙ୍କ ସମେତ ପ୍ରାଣନାଥ ମହାବିଦ୍ୟାଳୟର ସ୍କାଉଟ୍ ଓ ଗାଇଡ୍ସର ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

### ପୋଷଣ ମାସ ଉଦ୍‌ଯାପିତ

କୃଷ୍ଣପ୍ରସାଦ,୧।୧୦(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ପକ୍ଷରୁ ପ୍ରକଳ୍ପ ସ୍ତରୀୟ ପୋଷଣ ମାସ ଉଦ୍‌ଯାପିତ ହୋଇଯାଇଛି। ସିଡିପିଓ ମନୋରମା ଦେବୀଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ୧୩୪ଟି କେନ୍ଦ୍ରର ଅଙ୍ଗନୱାଡି କର୍ମୀ ଏଥିରେ ସାମିଲ ହୋଇଥିଲେ। ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ପ୍ରତି କେନ୍ଦ୍ରରୁ କୁପୋଷଣ ଦୂର କରିବାକୁ ଗୁରୁତ୍ୱ ଦେବା ସହିତ ଗର୍ଭବତୀ, ପ୍ରସୂତିମାନଙ୍କ ଯତ୍ନ ନେବାକୁ ପରାମର୍ଶ ଦିଆଯାଇଛି। ଏହି ଅବସରରେ ଏକ ଶୋଭାଯାତ୍ରା କାର୍ଯ୍ୟାଳୟ ପରିସରରୁ ବାହାରି ତହସିଲ, ମେଡିକାଲ ଛକ, ବ୍ଲକ କାର୍ଯ୍ୟାଳୟ ଆଦି ପରିକ୍ରମା କରି ପୋଷଣ ସମ୍ବନ୍ଧୀୟ ବିଭିନ୍ନ ସଚେତନତା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସୁପରଭାଇଜର ମାଗୁଣି ପ୍ରଧାନ, ରମାମଣି ନାୟକ, ବରିଷ୍ଠ କିରାଣି ପ୍ରମୋଦ କୁମାର ମହାରଣା ସହଯୋଗ କରିଥିଲେ। ବିଭିନ୍ନ ପୁଷ୍ଟିକର ଖାଦ୍ୟ ପ୍ରଦର୍ଶନ ହୋଇଥିଲା।

## ୨ କେଜି ଗଞ୍ଜେଇ ଜବତ, ବେପାରୀ ଗିରଫ



ଜବତ ଗଞ୍ଜେଇ ଓ ସ୍କୁଟି।

ବାଣପୁର(ଶଙ୍କର ବସ୍ତି)/
ଗମ୍ଭାରୀମୁଣ୍ଡା,୧।୧୦(ଦିଲ୍ଲୀପ ସ୍ୱାଇଁ)

ବାଣପୁର ଥାନା ପୋଲିସ ରବିବାର ପଲଟନ ପଡ଼ିଆଠାରେ ଚଢ଼ାଉ କରି ଜଣେ ଗଞ୍ଜେଇ ବେପାରୀଙ୍କୁ ଗିରଫ କରିଛି। ସେ ହେଲେ ବିଶ୍ୱନାଥ ବେହେରା (୪୫)। ତାଙ୍କ ନିକଟରୁ ୨କେଜି ଗଞ୍ଜେଇ ସହ ଏକ ସ୍କୁଟି (ଓଡି ୩୩ଏନ ୬୬୬୨) ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୩୫୬/୨୩) ରୁଜୁ ହୋଇଛି। ସୂଚନା ମୁତାବକ, ପଲଟନ ପଡ଼ିଆରେ ଗଞ୍ଜେଇ କାରବାର ହେଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଆଇଆଇସି ରମେଶ ଚନ୍ଦ୍ର ଦେବତାଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ୍ ଚଢ଼ାଉ କରି ବିଶ୍ୱନାଥଙ୍କୁ ଧରିବା ସହ ଗଞ୍ଜେଇ ଜବତ କରିଥିଲା।



## ରାସ୍ତାରେ ପାଣି, ଯାତାୟାତ ବାଧାପ୍ରାପ୍ତ

ଟାଙ୍ଗୀ,୧।୧୦(ରଘୁନାଥ ସାହୁ)

କୁହୁଡ଼ି ରେଳ ଫାଟକ ରାସ୍ତାରେ ପାଣି ଜମି ରହିବାରୁ କୃତ୍ରିମ ହ୍ରଦର ଭ୍ରମ ସୃଷ୍ଟି କରୁଛି। ଫଳରେ ୪ ପଞ୍ଚାୟତର ଜନସାଧାରଣ ଯାତାୟାତ କରିବାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କୁହୁଡ଼ି ରେଳ କାଟେଣି ଅଞ୍ଚଳର ବର୍ଷାପାଣି ନିଷ୍କାସନ ପାଇଁ ଫାଟକର ପଶ୍ଚିମ ଦିଗରେ ଏକ ପୋଲ ରହିଛି। ତେବେ ପୋଲଟି ଭାଙ୍ଗିରୁଜି ଯାଇଥିବାରୁ ମରାମତି ଆଳରେ ବାଲିଚିପ୍ସ ଗୁଣ୍ଡ ଭର୍ତ୍ତି କରାଯାଇଛି। ଫଳରେ ବର୍ଷା ପାଣି ନିଷ୍କାସନ ହୋଇ ନ ପାରି ରାସ୍ତା ଉପରେ ଜମି ରହୁଛି। କୁହୁଡି, ରତନପୁର, ସୋରଣ, ମାନସିଂହପୁର ପଞ୍ଚାୟତର ଜନସାଧାରଣ ଯାତାୟାତ କରିବାରେ ହଇରାଣ ହେଉଛନ୍ତି। ଏ ସମ୍ପର୍କରେ ରେଲୱେ କର୍ତ୍ତୃପକ୍ଷଙ୍କୁ ରେଳ ମଙ୍ଗଳ ସମିତି ପକ୍ଷରୁ ଅବଗତ କରାଯାଇଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇପାରିପାହିଁ। ତୁରନ୍ତ ବିଭାଗୀୟ କର୍ତ୍ତୃପକ୍ଷ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେବା ସହ ଏହାର ସମାଧାନ କରିବା ପାଇଁ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ଦାବି ହୋଇଛି।

# ରାଜପଥରେ ହାତୀ, ଲୋକେ ଭୟଭୀତ

ନିରାକାରପୁର,୧।୧୦(ମାନସ ଚନ୍ଦ୍ର ପଟ୍ଟନାୟକ)



ଖୋର୍ଦ୍ଧା ଜିଲା ଟାଙ୍ଗୀ ବନ ବିଭାଗ ଅଧୀନ ବିଭିନ୍ନ ଅଞ୍ଚଳରେ ହାତୀ ଉପଦ୍ରବ ଲାଗି ରହିଛି। ସନ୍ଧ୍ୟା ହେଲେ ହାତୀପଲ ଖାଦ୍ୟ ଅନ୍ୱେଷଣରେ ଗାଁମୁହାଁ ହେଉଛନ୍ତି। ଲୋକଙ୍କ ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରୁଛନ୍ତି। ଏପରିକି ଘର ଓ ପାଚେରି ଭାଙ୍ଗୁଛନ୍ତି। ଅନେକ ସମୟରେ ହାତୀ ଆକ୍ରମଣରେ ମଣିଷଙ୍କ ଜୀବନ ଯାଉଥିବା ନଜିର ରହିଛି। ରବିବାର ଅପରାହ୍ନ ୨ଟାରେ ୧୬ନମ୍ବର ଜାତୀୟ ରାଜପଥର ବଡ଼ପୋଖରିଆ ଛକ ନିକଟରେ ଏକ ହାତୀ ଛିଡ଼ାହୋଇ ରହିଥିଲା। ହାତୀକୁ ଦେଖି ପଥଚାରୀମାନେ ଭୟଭୀତ ହେବା ସହିତ ଉଭୟ ପଟୁ ଆସୁଥିବା ଯାନବାହନ ଅଟକି ରହିଥିଲା। କେତେଜଣ ପଥଚାରୀ ଭୟରେ ଦୌଡ଼ିଥିବା ଦେଖିବାକୁ ମିଳିଥିଲା। ଖବରପାଇ ଟାଙ୍ଗୀ ବନ ବିଭାଗ କର୍ମଚାରୀ ପହଞ୍ଚି ହାତୀକୁ ଘଉଡ଼ାଇବା ପରେ ନିକଟସ୍ଥ ଜଙ୍ଗଲକୁ ପଳାଇଥିଲା। ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଏ ସମ୍ପର୍କରେ ଟାଙ୍ଗୀ ରେଞ୍ଜର ଦେବାଶିଷ ଭୋଇ କହିଛନ୍ତି, ଟାଙ୍ଗୀ ରେଞ୍ଜ ଅଧୀନ କମାଗୁରୁ ଜଙ୍ଗଲରେ ୩ଟି, ଭୂଷଣ୍ଡପୁରରେ ଗୋଟିଏ ହାତୀ ରହିଛି ବୋଲି ସେ କହିଛନ୍ତି।

## ଅଳିଆ ପକାଇ ସଫା କଲେ ମେଡିକାଲ କର୍ତ୍ତୃପକ୍ଷ

ପୁରୀ,(ଅଜିତ୍ ମହାନ୍ତି) -ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ରବିବାର ଟିବିମୁକ୍ତ ଭାରତ କାର୍ଯ୍ୟକ୍ରମ ସହ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତେବେ ସ୍ୱଚ୍ଛତା କାର୍ଯ୍ୟକ୍ରମକୁ ନେଇ ଏବେ ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଏହି ଭିଡିଓରେ ଦେଖିବାକୁ ମିଳୁଛି ଯେ, ସଫେଇ କାର୍ଯ୍ୟକ୍ରମ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ କର୍ମଚାରୀଙ୍କ ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟକର୍ମୀମାନେ ଠିଆ ହୋଇଛନ୍ତି। ଏହି ସମୟରେ ଜଣେ ବ୍ୟକ୍ତି କିଛି ଅଳିଆ ଆଣି ସଫେଇ ହେବା ସ୍ଥାନରେ ପକାଉଛନ୍ତି। ପରେ ଅଧିକାରୀମାନେ ଉକ୍ତ ଅଳିଆକୁ ସଫା କରୁଛନ୍ତି। ଏହି ସଫେଇ କାର୍ଯ୍ୟକ୍ରମ ଏକ ପ୍ରହସନ ବୋଲି ସାଧାରଣରେ ଆଲୋଚନା ହେଉଛି।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧।୧୦।୨୦୨୩

| ୭,୪୦,୧୮୭ ଟଙ୍କା | |
|---|---|
| ସୁନା | ୫.୭୫୦ ଗ୍ରାମ୍ |
| ରୁପା | ୧୮ ଗ୍ରାମ୍ |

## ସଂକ୍ଷେପରେ

### ସ୍ୱଚ୍ଛତା ପାଇଁ ସଚେତନତା ଶୋଭାଯାତ୍ରା

ପୁରୀ, ୧।୧୦(ଅଜିତ ମହାନ୍ତି): ପୁରୀ ଜିଲା ଭାରତ ସ୍କାଉଟ୍ସ୍ ଓ ଗାଇଡ୍ସ ପକ୍ଷରୁ ସ୍ୱଚ୍ଛତା ନେଇ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଶ୍ୱମ୍ଭର ବିଦ୍ୟାପୀଠଠାରୁ ଏହି ଶୋଭାଯାତ୍ରା ବାହାରିଥିଲା। ଏଥିରେ ଜିଲାର ବିଭିନ୍ନ ବିଦ୍ୟାଳୟରୁ ୩ଶହରୁ ଊର୍ଦ୍ଧ୍ୱ ସ୍କାଉଟ୍ସ୍, ଗାଇଡ୍ସ, ସ୍କାଉଟ ମାଷ୍ଟର୍ ଓ ଗାଇଡ୍ କ୍ୟାପ୍ଟେନ ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ବିଭିନ୍ନ ପ୍ଲାକାର୍ଡ ଧରି ଓ ସ୍ଲୋଗାନ୍ ଦେଇ ପୁରୀ ସହରର ମୋଚିସାହି ଛକ ପର୍ଯ୍ୟନ୍ତ ଯାଇଥିଲେ। ପ୍ରଥମେ ସମସ୍ତେ ସ୍ୱଚ୍ଛତା ପାଇଁ ଶପଥ ଗ୍ରହଣ କରିବା ସହ ସେଠାରେ ସଫେଇ କରିଥିଲେ। ଏହି ଶୋଭାଯାତ୍ରାକୁ ଜିଲା ଶିକ୍ଷାଧିକାରୀ ଡ. ବିଶ୍ୱଜିତ୍ ଘୋଷ୍ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା କ୍ରୀଡ଼ାଧିକାରୀ ଚନ୍ଦନ କୁମାର ସାହୁ, ବରିଷ୍ଠ ଖବରଦାତା ଶଙ୍କର ବେହେରା ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ସ୍ୱଚ୍ଛତାର ଶପଥ ପାଠ କରାଇଥିଲେ। ଜିଲା ବିଦ୍ୟାଳୟ ଶାରୀରିକ କ୍ରୀଡ଼ାଧିକାରୀ ମହେନ୍ଦ୍ର କୁମାର ବିଶ୍ୱାଳ ଓ ଜୁନିୟର ଆସିଷ୍ଟାଣ୍ଟ ପ୍ରଭାତ କୁମାର ମିଶ୍ରଙ୍କ ଦ୍ୱାରା କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଡିଓସି (ସ୍କାଉଟ୍ସ) ଦେବାଶିଷ ମିଶ୍ର, ଡିଓସି (ଗାଇଡ୍ସ) ମୀନାକ୍ଷୀ ମିଶ୍ର, ପ୍ରଧାନ ଶିକ୍ଷକ ଅଶୋକ କୁମାର ସେଠୀ, ରଞ୍ଜନ କୁମାର ଷଡ଼ଙ୍ଗୀ, ବିଦ୍ୟାଧର ମିଶ୍ର, ଅରୁଣ କୁମାର ଭଟ୍ଟାଚାର୍ଯ୍ୟ, ଲଲାଟେନ୍ଦୁ ସ୍ୱାଇଁ, ସସ୍ମିତା ରାଉତରାୟ ପ୍ରମୁଖ ଶୋଭାଯାତ୍ରା ପରିଚାଳନା କରିଥିଲେ।

### ରକ୍ତଦାନ ଶିବିର

ପୁରୀ,୧।୧୦(ଅଜିତ ମହାନ୍ତି): ସାମାଜିକ ଅନୁଷ୍ଠାନ 'ଉର୍ଜାବାନ ଓଡ଼ିଶା' ଏବଂ 'ଓଡ଼ିଶା ମୋ ପରିବାର'ର ମିଳିତ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୋ ପରିବାରର ଯୁଗ୍ମ ସମ୍ପାଦକ ଷ୍ଟାଲିନ ପରିଜା, ଉର୍ଜାବାନ ଓଡ଼ିଶାର ସଭାପତି ସନ୍ତୋଷ ସେନାପତି, ସମ୍ପାଦିକା ନୀହାରିକା ତ୍ରିପାଠୀ ଏବଂ ଉପଦେଷ୍ଟା ପୁଷ୍ପଜିତ୍ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ୮୫ ଜଣ ରକ୍ତ ଦାନ କରିଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର କୋଷାଧ୍ୟକ୍ଷ ସୀତାରାମ ସେନାପତି ଓ ସଦସ୍ୟ ବୃନ୍ଦ ପରିଚାଳନା କରିଥିବାବେଳେ ସମ୍ପାଦିକା ଧନ୍ୟବାଦ ଦେଇଥିଲେ।

### ସ୍ୱଚ୍ଛତା ପାଇଁ ସଚେତନତା

ପୁରୀ ,୧।୧୦(ଅଜିତ୍ ମହାନ୍ତି) ପୁରୀ ପୌରପାଳିକା ତରଫରୁ ଆୟୋଜିତ ସ୍ୱଚ୍ଛତା ପାଇଁ ଏକ ଘଣ୍ଟା ଶ୍ରମଦାନ କାର୍ଯ୍ୟକ୍ରମରେ ରବିବାର ସକାଳ ୧୦ରୁ ୧୧ଟା ପର୍ଯ୍ୟନ୍ତ ବେଳାଭୂମି, ବଡ଼ଦାଣ୍ଡ ସହିତ ସମସ୍ତ ୩୨ଟି ୱାର୍ଡରେ ୧୦୦୦ରୁ ଊର୍ଦ୍ଧ୍ୱ ଲୋକ ସାମିଲ ହୋଇ ନିଜର ଶ୍ରମଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ, ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ଅତିରିକ୍ତ ପୌରନିର୍ବାହୀ ଅଧିକାରୀ ମନୋଜ କୁମାର ବେହେରା, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ, ପୌରପାଳିକା ସ୍ୱଚ୍ଛ ଭାରତ ମିଶନର ବ୍ରାଣ୍ଡ ଆମ୍ବାସାଡର୍ ଆଶୁତୋଷ ପଟ୍ଟନାୟକ ସମେତ ଜନଶିକ୍ଷଣ ସଂସ୍ଥାନ ନିର୍ଦ୍ଦେଶକ ଜ୍ଞାନବିକାଶ ଗଜେନ୍ଦ୍ର, ପ୍ରତ୍ୟୁଷ କୁମାର ବରାଳ, ପଦ୍ମ ଚରଣ ସେଠୀ, ସତ୍ୟଜିତ ସ୍ୱାଇଁ, ପ୍ରଦୀପ ରଥ, ବାଦଲ ପରିଡା, ଦିଲ୍ଲୀପ କୁମାର ନାୟକ ଯୋଗଦାନ କରିଥିଲେ। ସେହିପରି ବହୁ ଅଧିକାରୀ, ବ୍ୟାଙ୍କ୍ କର୍ମଚାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟ, ଜନଶିକ୍ଷଣ ସଂସ୍ଥାନ କର୍ମଚାରୀ, ସମୁଦ୍ରକୂଳ ବ୍ୟବସାୟୀ, ଲାଇଫଗାର୍ଡ, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ବସ୍ତି ବାସିନ୍ଦା ସଂଘର କର୍ମକର୍ତ୍ତା, ବିଭିନ୍ନ ସ୍କୁଲ ଏବଂ କଲେଜର ଛାତ୍ରୀଛାତ୍ର ଯୋଗଦେଇଥିଲେ।

# ଡିଜେ ବାଜିବାକୁ ନେଇ ତୁମୁଳକାଣ୍ଡ: ୭ରୁ ଊର୍ଦ୍ଧ୍ୱ ଆହତ

ପିପିଲି,୧।୧୦(ଦୁର୍ଗା ମାଧବ ମିଶ୍ର)



ବଳଙ୍ଗା ଥାନା ଅଧୀନ ରୁପଦେଇପୁର ପଞ୍ଚାୟତ ମଉଜି ବେଗ ଗ୍ରାମରେ ଗଣେଶ ଭସାଣିରେ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଫଳରେ ଏଥିରେ ୭/୮ ଜଣ ଆହତ ହୋଇ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ସୂଚନାରୁ ପ୍ରକାଶ, ଗ୍ରାମର ସାନ ପାଟଣା ଓ ବଡ଼ ପାଟଣା ଗଣେଶ ଭସାଣି ଚାଲିଥିବା ସମୟରେ ଉଭୟ ପ୍ରଥମେ ଡିଜେ ସାଉଣ୍ଡ ପ୍ରତିଯୋଗିତା କରିଥିଲେ। ପରେ ଏଥିରେ ଉଭୟଙ୍କ ମଧ୍ୟରେ ଗାଳିଗୁଲଜ ଓ ଇଟା ପଥର ମରାମରି ହୋଇଥିଲେ। ଘଟଣାସ୍ଥଳରେ ବଳଙ୍ଗା ପୋଲିସ ପହଞ୍ଚି ପରିସ୍ଥିତି ଆୟତ୍ତ କରିବା ସହ ତଦନ୍ତ କରୁଥିବା ଜଣାପଡିଛି। ପୋଲିସ ତଦନ୍ତରୁ ଜଣାପଡିଛି ଡିଜେ ସାଉଣ୍ଡକୁ ବାରଣ କରାଯାଇଥିବାବେଳେ ବିନା ଅନୁମତିରେ ଡିଜେ ବଜାଉଥିବାରୁ ପୋଲିସ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।

# 'ସ୍ୱଚ୍ଛତା ହିଁ ଶାନ୍ତି' ବାର୍ତ୍ତା ଦେଲେ ୧୫୪ ଗାନ୍ଧୀ ବେଶଧାରୀ



କାର୍ଯ୍ୟକ୍ରମରେ ଗାନ୍ଧୀ ବେଶଧାରୀ ଓ ଅନ୍ୟମାନେ ।

ପୁରୀ, ୧।୧୦(ଅଜିତ ମହାନ୍ତି): ମହାତ୍ମା ଗାନ୍ଧୀଙ୍କ ଜନ୍ମତିଥି ଅକ୍ଟୋବର ୨କୁ 'ବିଶ୍ୱ ଅହିଂସା ଦିବସ' ଭାବେ ପାଳନ କରାଯାଏ। ଗାନ୍ଧିଜୀ ସର୍ବଦା 'ସ୍ୱଚ୍ଛତା'କୁ ଗୁରୁତ୍ୱ ଦେଉଥିଲେ। ତେଣୁ ୧୫୪ତମ ଗାନ୍ଧୀ ଜୟନ୍ତୀ ଅବସରରେ 'ଶ୍ରୀକ୍ଷେତ୍ରବାସୀ' ଅନୁଷ୍ଠାନ ପକ୍ଷରୁ ୧୫୪ ଜଣ ଗାନ୍ଧୀ ବେଶଧାରୀ 'ସ୍ୱଚ୍ଛତା ହିଁ ଶାନ୍ତି' ବାର୍ତ୍ତା ଦେଇଛନ୍ତି। 'ସ୍ୱଚ୍ଛତା ହିଁ ଶାନ୍ତି' ସଚେତନତା କାର୍ଯ୍ୟକ୍ରମ ଅବସରରେ ପ୍ରଥମେ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଦୀପଦାନ ପରେ ଶୋଭାଯାତ୍ରା ବାହାରି ବଡ଼ଦାଣ୍ଡ ଦେଇ ଶରଧାବାଲିଠାରେ ପହଞ୍ଚିଥିଲା। କୁନି କୁନି ପିଲାମାନେ ଗାନ୍ଧିଜୀଙ୍କ ବେଶରେ ସ୍ୱଚ୍ଛତା ଓ ଶାନ୍ତିର ବାର୍ତ୍ତା ଦେଇଥିଲେ। ଶୋଭାଯାତ୍ରା ସମ୍ମୁଖରେ ଗାନ୍ଧୀଙ୍କ ପ୍ରତୀକ ଚଷମା, ଅରଟ ଓ ଠେଙ୍ଗା ସହ ଜାତୀୟ ପତାକା ହାତରେ ଧରି ଭାରତମାତା ବେଶଧାରୀ ପିଲା ଏବଂ ଛାତ୍ରୀମାନେ ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲେ। ଜୟ ଜଗନ୍ନାଥ, ଭାରତ ମାତା କି ଜୟ ଓ ମହାତ୍ମା ଗାନ୍ଧୀଙ୍କ ଜୟ ନାରାରେ ପରିବେଶ କମ୍ପିଥିଲା। କାର୍ଯ୍ୟକ୍ରମରେ 'ସାହି ଭାଇ' ଅନୁଷ୍ଠାନର ସଭାପତି ଅବସରପ୍ରାପ୍ତ ପୋଲିସ ମହାନିର୍ଦ୍ଦେଶକ ଯୋଗେଶ୍ୱର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ସଭ୍ୟତାର ପରିଚୟ ହେଉଛି ସ୍ୱଚ୍ଛତା। ଆମେ ନିଜକୁ ସଭ୍ୟ କହୁଥିଲେ ମଧ୍ୟ ସ୍ୱଚ୍ଛତା କ୍ଷେତ୍ରରେ ବହୁତ ପଛରେ ପଡ଼ୁଛନ୍ତି। ଆବର୍ଜନାମୟ ପରିବେଶ ଆମର କ୍ଷତି କରିବା ସହ ମର୍ଯ୍ୟାଦାହାନି କରୁଛି। ପ୍ରତ୍ୟେକ ସତର୍କ ହୋଇ ସ୍ୱଚ୍ଛତା ଅବଲମ୍ବନ କରି ନିଜକୁ ଏକ ଉନ୍ନତ ସଭ୍ୟତାର ଦାୟାଦ ଭାବେ ପରିଚୟ ଦେବାକୁ ପରାମର୍ଶ ଦେଇଥିଲେ। ଅତିରିକ୍ତ ପୌର ଅଧିକାରୀ ମନୋଜ କୁମାର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱଚ୍ଛ ପରିବେଶ ପାଇଁ ସହରବାସୀଙ୍କ ଭାଗିଦାରୀ ଓ ସଚେତନତା ଉପରେ ଗୁରୁତ୍ୱ ଦେଇଥିଲେ। ଦେଶରେ ଇନ୍ଦୋର ସବୁଠାରୁ ସ୍ୱଚ୍ଛ ସହର ମାନ୍ୟତା ପାଇଥିଲା ବେଳେ ଶ୍ରୀକ୍ଷେତ୍ରକୁ ଦେଶର ଏକ ନମ୍ବର ସ୍ୱଚ୍ଛ ସହର ଭାବେ ଦେଖିବାକୁ ଏହି ମୁହୂର୍ତ୍ତରୁ ପ୍ରୟାସ କରିବାକୁ ସେ ଆହ୍ୱାନ ଦେଇଥିଲେ।

## ଗାନ୍ଧୀ ଜୟନ୍ତୀରୁ ବିଜେଡିର ଜନସମ୍ପର୍କ ପଦଯାତ୍ରା
### ସାମିଲ ହେବେ ଗୋପ ଅଞ୍ଚଳର ଯୁବ ଓ ଛାତ୍ରବର୍ଗ

ଗୋପ, ୧।୧୦ (ଭାରତୀ ଭୂଷଣ ଉପାଧ୍ୟାୟ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଗାନ୍ଧୀ ଜୟନ୍ତୀରୁ ସମଗ୍ର ରାଜ୍ୟରେ ଆରମ୍ଭ ହେବାକୁ ଯାଉଛି ଜନସମ୍ପର୍କ ପଦଯାତ୍ରା। ଏହି ଅବସରରେ ନିମାପଡ଼ା ନିର୍ବାଚନମଣ୍ଡଳୀରେ ଆରମ୍ଭ ହେଉଥିବା ପଦଯାତ୍ରା ଅକ୍ଟୋବର ୧୧ ତାରିଖରେ ଗୋପ ଅନ୍ତର୍ଗତ ନାଗପୁରଠାରେ ଉଦ୍‌ଯାପିତ ହେବାର କାର୍ଯ୍ୟକ୍ରମ ରହିଛି। ରବିବାର କୁଶୁପୁରସ୍ଥିତ ଏକ କଲ୍ୟାଣୀ ମଣ୍ଡପରେ ଏ ନେଇ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନବୀନ ପଟ୍ଟନାୟକଙ୍କ ବିକାଶମୂଳକ କାର୍ଯ୍ୟ ଏହି ପଦଯାତ୍ରାର ମୂଳ ଲକ୍ଷ୍ୟ ବୋଲି କହିଥିଲେ। ଏହି ପଦଯାତ୍ରାରେ ହଜାର ହଜାର ଯୁବ, ଛାତ୍ରବର୍ଗ ସାମିଲ ହେବା କାର୍ଯ୍ୟକ୍ରମ ରହିଛି। ନିର୍ବାଚନସ୍ତରୀୟ ଯୁବ ପର୍ଯ୍ୟବେକ୍ଷକ ସନାତନ ପ୍ରଧାନ, ମନଦୀପ୍ ପାଇକରାୟ, ଯୁବ ନେତୃତ୍ୱ ନିରଞ୍ଜନ ଶଗଡ଼ିଆ, ସାଂସଦଙ୍କ ପ୍ରତିନିଧି ସୁକାନ୍ତ କୁମାର ମହାନ୍ତି, କରୁଣାକର ସାହୁ, ନିମାପଡ଼ା ବ୍ଲକ ଯୁବ ସଭାପତି ରାକେଶ ବେହେରା, ଗୋପ ବ୍ଲକ ଯୁବ ସଭାପତି ଦେବାଶିଷ ସାହୁ ଏହି ବୈଠକରେ ଯୋଗ ଦେଇଥିଲେ।

# ପିପିଡବ୍ଲ୍ୟୁଓ ପକ୍ଷରୁ ପ୍ରଶିକ୍ଷଣ ଶିବିର




ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ।

ନିମାପଡ଼ା,୧।୧୦(ବିଚିତ୍ରାନନ୍ଦ ସାହୁ) ନିମାପଡ଼ା ପିଙ୍ଗଳାକ୍ଷୀ ପବ୍ଲିକ ୱେଲଫେୟାର ଅର୍ଗାନାଇଜେଶନ (ପିପିଡବ୍ଲ୍ୟୁଓ) ପକ୍ଷରୁ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଓଡ଼ିଶା ଓ ଜିଲା ପ୍ରଶାସନ ସହାୟତାରେ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ସ୍ଥାନୀୟ ଟାଉନ ହଲ୍‌ଠାରେ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ଓ ଯତ୍ନ ନିମନ୍ତେ ଏକ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇ ୫୦ଜଣ ଯୁବକଙ୍କୁ ତାଲିମ୍ ପ୍ରଦାନ କରାଯାଇଥିଲା। ସମାରୋହରେ ଅତିଥି ଭାବେ ନିମାପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଅତିରିକ୍ତ ତହସିଲଦାର ଚନ୍ଦ୍ରଶେଖର ବାରିକ୍, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ ଆଚାର୍ଯ୍ୟ, ଶିକ୍ଷାବିତ୍ ଗୋବିନ୍ଦ ନାୟକ, ବରିଷ୍ଠ ଆଇନଜୀବୀ ମୃତ୍ୟୁଞ୍ଜୟ ଦାଶ, ଫାର୍ମାସିଷ୍ଟ ଆଇ. ତ୍ରିନାଥ ପାତ୍ର, ନିମାପଡ଼ା ବ୍ଲକ ବରିଷ୍ଠ ନାଗରିକ ମଞ୍ଚର ସଭାପତି ପ୍ରମୋଦଚନ୍ଦ୍ର ମହାନ୍ତି, ପିପିଡବ୍ଲ୍ୟୁଓ ସଭାପତି ଗଗନ ବିହାରୀ ଦାସ, ଉପସଭାପତି ପଦ୍ମଲୋଚନ ମହାନ୍ତି ପ୍ରମୁଖ ଯୋଗଦେଇ ଏହି ଦିବସ ଓ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ମଞ୍ଚାସୀନ ଅତିଥି ଓ ବରିଷ୍ଠ ନାଗରିକଙ୍କୁ ଅନୁଷ୍ଠାନ ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସ୍ୱଚ୍ଛ ଭାରତ ଅଭିଯାନ ପରିପ୍ରେକ୍ଷୀରେ ପିପିଡବ୍ଲ୍ୟୁଓ ଦ୍ୱାରା ପରିଚାଳିତ ସ୍ୱତନ୍ତ୍ର ବିଇଓ କଲେଜ ଛାତ୍ରୀଛାତ୍ରଙ୍କ ପକ୍ଷରୁ ବିଭିନ୍ନ ଅନୁଷ୍ଠାନରେ ସଫେଇ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏହି ସମାରୋହରେ ବହୁ ଶିକ୍ଷାବିତ୍, ବୁଦ୍ଧିଜୀବୀ, ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସମେତ ସ୍ଥାନୀୟ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇଥିଲେ। ଅନୁଷ୍ଠାନର ଅଚ୍ୟୁତ ଦାଶ, ପ୍ରଭାତ ବେହେରା, ପ୍ରଜ୍ଞା ବେହେରା, ଲିଲି ବଳ, ଗୀତିନନ୍ଦା ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମର ସଂଯୋଜନା ଓ ପରିଚାଳନା କରିଥିଲେ।

# ଚାରିଛକ ସିଏଚ୍‌ସିରେ ସଫେଇ, ଚାରାରୋପଣ



କାର୍ଯ୍ୟକ୍ରମରେ ସାମିଲ ହୋଇଥିବା କର୍ମଚାରୀ ଏବଂ ଅନ୍ୟମାନେ ।

ଚାରିଛକ,୧।୧୦(ଶିଶିର ସ୍ୱାଇଁ) ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିର୍ଦ୍ଦେଶରେ ସାରା ଦେଶରେ ଅକ୍ଟୋବର ୧ ସ୍ୱଚ୍ଛତା ଦିବସରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପୁରୀ ଜିଲା ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚ୍‌ସି) ପରିସରରେ ଯୁବ ବିକାଶ ପରିଷଦ ଓ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀଙ୍କ ମିଳିତ ଭାବେ ମେଡିକାଲରେ ଏକ ସଫେଇ ଓ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସିଏଚ୍‌ସିର ଡାକ୍ତର ଯୋଗମାୟା ଯୋଗେଶ୍ୱରୀ ଚାରାରୋପଣ କରି ସଫେଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ସିଏଚ୍‌ସିର କର୍ମଚାରୀ ଆଶୁତୋଷ ମିଶ୍ର, ତପନ ସାହୁ, ଦୀପକ ଗୋଚ୍ଛାୟତଙ୍କ ସହିତ ଯୁବ ବିକାଶ ପରିଷଦର ସଭାପତି ନିରଞ୍ଜନ ସାହୁ, ସମ୍ପାଦକ ଚନ୍ଦ୍ରକାନ୍ତ ବରାଳ, ଉପସଭାପତି ବିକାଶ ଚନ୍ଦ୍ର ବାରିକ, କୋଷାଧ୍ୟକ୍ଷ ବ୍ରହ୍ମାନନ୍ଦ ସାହୁ, ସଭ୍ୟ ବିଜୟ ଦାସ, ସଦାଶିବ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ସରକାରୀ କାର୍ଯ୍ୟରେ ସହଯୋଗ କରିବେନି ସରପଞ୍ଚ

ଡେଲାଙ୍ଗ,୧।୧୦(ରଶ୍ମିରଞ୍ଜନ ପ୍ରଧାନ): ଦାବି ପୂରଣ ନହେବା ପର୍ଯ୍ୟନ୍ତ କୌଣସି ସରକାରୀ କାର୍ଯ୍ୟରେ ସରପଞ୍ଚମାନେ ଯୋଗ ଦେବେନି ବୋଲି ଡେଲାଙ୍ଗ ବ୍ଲକର ସରପଞ୍ଚ ସଂଘ ଏକ କାର୍ଯ୍ୟବନ୍ଦ ଦାବିପତ୍ର ଏବିଡିଓଙ୍କୁ ପ୍ରଦାନ କରିଛି। ସୂଚନା ଅନୁଯାୟୀ, ସରପଞ୍ଚ ମହାସଂଘ ପକ୍ଷରୁ ଗତ ୨ମାସ ହେବ ଏକ ୧୫ ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସମସ୍ତ ଜିଲାର ଜିଲାପାଳଙ୍କୁ ଦିଆଯାଇଥିଲା। ଏହାର କୌଣସି ସୁଫଳ ନ ମିଳିବାରୁ ଗତ ୧୫ ତାରିଖରେ ରାଜ୍ୟର ସମସ୍ତ ସରପଞ୍ଚ ଭୁବନେଶ୍ୱରରେ ଏକ ବିଶାଳ ରାଲି କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପ୍ରମୁଖ ଶାସନ ସଚିବଙ୍କୁ ପୁନଃ ଏକ ଦାବିପତ୍ର ପ୍ରଦାନ କରିଥିଲେ। ତେବେ ଅଦ୍ୟାବଧି ଏହାର କୌଣସି ସମାଧାନ କରା ନ ଯିବା ନେଇ ଡେଲାଙ୍ଗ ବ୍ଲକର ସରପଞ୍ଚ ସଂଘ ପକ୍ଷରୁ ଏକ କାର୍ଯ୍ୟବନ୍ଦ ଦାବିପତ୍ର ଏବିଡିଓ ପ୍ରଦୀପ୍ତ କୁମାର ନାୟକଙ୍କୁ ପ୍ରଦାନ କରାଯାଇଛି। ଏଥିରେ ୨୧ ପଞ୍ଚାୟତର ସରପଞ୍ଚ ଆଗାମୀ ଦିନରେ କରାଯିବାକୁ ଥିବା ସରକାରୀ କାର୍ଯ୍ୟ ତଥା ଗ୍ରାମସଭା, ପଲ୍ଲିସଭା, ସଫେଇ କାର୍ଯ୍ୟକ୍ରମ ଏବଂ ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟରୁ ନିବୃତ୍ତ ରହିବେ ବୋଲି ଉଲ୍ଲେଖ ରହିଛି। ଏହି ଅବସରରେ ଡେଲାଙ୍ଗ-କୋଠବାଡ ସରପଞ୍ଚ ଦୀପକ କୁମାର ସାହୁ, ଜେନାପୁର ସରପଞ୍ଚ ବିଶ୍ୱନାଥ ପଟ୍ଟନାୟକ, ହରିରାଜପୁର ସରପଞ୍ଚ ମହାଦେବ ରାଉତରାୟ ପ୍ରମୁଖଙ୍କ ସହିତ ସମସ୍ତ ପଞ୍ଚାୟତର ସରପଞ୍ଚମାନେ ଉପସ୍ଥିତ ଥିଲେ।




ପୁରୀଠାରେ ଭାରତ ବିକାଶ ପରିଷଦ ପକ୍ଷରୁ ଆୟୋଜିତ ଭାରତକୁ ଜାଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ ।

# ଭାରତର ଧର୍ମ, ସଂସ୍କୃତି, ପରମ୍ପରା ଉପରେ ଆଲୋକପାତ

ପୁରୀ, ୧।୧୦(ଅଜିତ ମହାନ୍ତି): ବିଦ୍ୱତ ପରିଷଦର ଆଲୋଚନା ଚକ୍ର 'ଭାରତ ସ୍ୱ' ରବିବାର ସ୍ଥାନୀୟ ମଧୁବନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଡ. ହରିହର ହୋତା ଯୋଗଦେଇ ଆଲୋଚନା ଚକ୍ରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଖୋର୍ଦ୍ଧା ସହଜିଲା ପ୍ରମୁଖ ସୁଦର୍ଶନ ମିଶ୍ର, ସଂଭାଗ ବିଦ୍ୱତ୍ ପରିଷଦ ସଭାପତି କ୍ଷୀରୋଦ କୁମାର ରାୟ, ପୁରୀ ବିଭାଗ ନୀରକ୍ଷକ ପ୍ରସନ୍ନ କୁମାର ମହାନ୍ତି, ବିଦ୍ୟାଳୟ ପରିଚାଳନା କମିଟି ସହସମ୍ପାଦିକା ଦୀପ୍ତି ମିଶ୍ର ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରସନ୍ନ କୁମାର ମହାନ୍ତି ଅତିଥି ପରିଚୟ ପ୍ରଦାନ ସହ ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଦୀପ୍ତି ମିଶ୍ର ସ୍ୱାଗତ ଭାଷଣ ଦେବା ପରେ ଅମ୍ରିତା ଦାଶ ଏବଂ ପ୍ରତ୍ୟୁଷା ଦାଶଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। କ୍ଷୀରୋଦ କୁମାର ରାୟଙ୍କ ସଭାପତିତ୍ୱରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଭାରତର ଧର୍ମ, ସଂସ୍କୃତି, ରୀତିନୀତି, ପରମ୍ପରା ଉପରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ଶିଶୁ ମନ୍ଦିରର କର୍ମକର୍ତ୍ତା, ବିଦ୍ୱତ୍ ପରିଷଦର ସଭ୍ୟ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସଭ୍ୟମାନେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରଧାନ ଆଚାର୍ଯ୍ୟ ସୁରେଶ ମିଶ୍ର ଏବଂ ବିଦ୍ୟାଳୟ ବିଦ୍ୱତ୍ ପରିଷଦର ସଂଯୋଜକ ମନମୋହନ ମିଶ୍ର ପରିଚାଳନା କରିଥିଲେ।

# ମନ୍ଦିର, ରାସ୍ତା ସଫେଇ କଲେ ଅଳଗୁମବାସୀ

ସାକ୍ଷୀଗୋପାଳ, ୧।୧୦ (ଭରତ ରାଉତ): ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକ୍ରମେ ସାରା ଦେଶରେ ପାଳିତ ହୋଇଛି 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ। ସ୍ୱଚ୍ଛ ଭାରତ ଅଭିଯାନର ୯ ବର୍ଷ ପୂର୍ତ୍ତି ଅବସରରେ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ ପାଇଁ ସମସ୍ତେ ଏକଘଣ୍ଟା ସାମୂହିକ ଶ୍ରମଦାନ କରିବାକୁ ଆହ୍ୱାନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ସାମାଜିକ କର୍ମୀ ତିରୁପତି ଜେନା ଓ ଆକାଶ ପ୍ରଧାନଙ୍କ ନେତୃତ୍ୱରେ ସାକ୍ଷୀଗୋପାଳରେ ଆୟୋଜିତ ହୋଇଥିଲା 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ। ଏଥିରେ ପିଲାଠୁ ଆରମ୍ଭ କରି ବୟସ୍କ ଲୋକମାନେ ସାମିଲ ହୋଇଥିଲେ। ସମସ୍ତେ ସମ୍ପୂର୍ଣ୍ଣ ପଞ୍ଚାୟତକୁ ସ୍ୱଚ୍ଛ ସୁନ୍ଦର କରିବାକୁ ଶପଥ ନେଇଥିଲେ। ରାସ୍ତାଘାଟରେ ଜମି ରହିଥିବା ଅଳିଆ ଆବର୍ଜନାକୁ ସଙ୍ଗଠନର କର୍ମୀମାନେ ହାତରେ କୋଦାଳ ଏବଂ ଝାଡୁ ଧରି ସଫା କରିବା ସହ ଗାଁର ରାସ୍ତାଘାଟ, ପୋଖରୀ, ମନ୍ଦିର ଏବଂ ବିଦ୍ୟାଳୟକୁ ସଫେଇ କରିଥିଲେ। ପରେ ପଞ୍ଚାୟତକୁ ସବୁଦିନ ସଫା ରଖିବା ପାଇଁ ଶପଥ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଂଗଠନର ସଦସ୍ୟ ପ୍ରୀତିଶ ସାହୁ, ସଚ୍ଚିକାନ୍ତ ଜେନା, ସତ୍ୟନାରାୟଣ ପ୍ରଧାନ, ଦିଲ୍ଲୀପ ବିଶ୍ୱାଳ, ରମେଶ ହରିଚନ୍ଦନ, ସନ୍ତୋଷ ବାରିକ, ପଞ୍ଚାନନ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଥିଲେ।



ରାସ୍ତା ସଫେଇ କରାଯାଉଛି ।

# ପୁରୀ ରେଳ ଷ୍ଟେଶନରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

## ବନ୍ଦେ ଭାରତ ଏକ୍ସପ୍ରେସ୍‌କୁ ୧୪ ମିନିଟରେ ସଫେଇ କଲେ ୪୪ କର୍ମଚାରୀ



ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ରେଲୱେ ଅଧିକାରୀ ଏବଂ କର୍ମଚାରୀ ।

ପୁରୀ, ୧।୧୦ (ଅଜିତ ମହାନ୍ତି): ଗାନ୍ଧୀ ଜୟନ୍ତୀର ଅବ୍ୟବହିତ ପୂର୍ବରୁ ରବିବାର ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ମଣ୍ଡଳ ପକ୍ଷରୁ ପୁରୀ ରେଳଷ୍ଟେଶନରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୁରୀ- ହାଓଡା ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍‌କୁ ମାତ୍ର ୧୪ ମିନିଟ ମଧ୍ୟରେ ୪୪ ଜଣ ସଫେଇ କର୍ମଚାରୀ ସଫା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଖୋର୍ଦ୍ଧା ମଣ୍ଡଳ ମହାପ୍ରବନ୍ଧକ ଏଚ୍. ଏସ୍. ବାଜୱା, ମୁଖ୍ୟ ରୋଲିଂ ଷ୍ଟକ୍ ଯନ୍ତ୍ରୀ ଅମନ୍ ଦୀପ କାପୁର୍ ଏବଂ ଭାଜପା ଜାତୀୟ ପରିଷଦ ସଭ୍ୟ ମଧୁସୂଦନ ସିଂହାରୀ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ କହିଥିଲେ ଯେ, ଦେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ସ୍ୱଚ୍ଛତା ଅଭିଯାନ ସଫଳ ହେଉଛି। ଦେଶବାସୀ ସ୍ୱଚ୍ଛତା ମନ୍ତ୍ରରେ ଉଦ୍‌ବୁଦ୍ଧ ହେଉଛନ୍ତି। ରେଳଷ୍ଟେଶନ ସମେତ ଟ୍ରେନ୍‌ଗୁଡ଼ିକରେ ସ୍ୱଚ୍ଛତାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ମାତ୍ର ୧୪ ମିନିଟ ମଧ୍ୟରେ ବନ୍ଦେ ଭାରତ ଟ୍ରେନ୍‌ର ୧୬ଟି ବଗି ସମେତ ଶୌଚାଳୟଗୁଡ଼ିକୁ ସଫା କରାଯାଇଥିବାରୁ ସଫେଇ କର୍ମଚାରୀଙ୍କୁ ଅତିଥିମାନେ ପ୍ରଶଂସା କରିଛନ୍ତି। ଆଗକୁ ନିଷ୍ଠାପର ଭାବେ ଏଭଳି କାର୍ଯ୍ୟ କରିବାକୁ ମହାପ୍ରବନ୍ଧକ ପରାମର୍ଶ ଦେଇଛନ୍ତି। ଏହାଦ୍ୱାରା ରେଳ ବିଭାଗର ଭାବମୂର୍ତ୍ତି ଓ କାର୍ଯ୍ୟଦକ୍ଷତା ଅତୁଟ ରହିବ ବୋଲି ସେ କହିଛନ୍ତି। ଏହାଛଡା ରେଳ ଷ୍ଟେଶନ ଓ ଟ୍ରେନ୍‌ଗୁଡ଼ିକର ସ୍ୱଚ୍ଛତା ପ୍ରତି ଯାତ୍ରୀମାନେ ଯତ୍ନବାନ ହେବାକୁ ଅତିମାନେ ପରାମର୍ଶ ଦେଇଛନ୍ତି। ସେପ୍ଟେମ୍ବର ୧୬ରୁ ଅକ୍ଟୋବର ୨ତାରିଖ ପର୍ଯ୍ୟନ୍ତ ଭାରତୀୟ ରେଳ ସ୍ୱଚ୍ଛତା ପକ୍ଷ ପାଳନ କରୁଛି। ବରିଷ୍ଠ କୋଚିଂ ଡିପୋ ଅଧିକାରୀ ସୁରେନ୍ଦ୍ର କୁମାର ପାଢ଼ୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଆୟତପୁରରେ ଗଣେଶ ମେଳଣ

କଟକ ସଦର,(ସୁଶାନ୍ତ କୁମାର ଜେନା): କଟକ ସଦର ବ୍ଲକ ଅନ୍ତର୍ଗତ ଆୟତପୁରରେ ଗଣେଶ ମେଳଣ ରବିବାର ଅନୁଷ୍ଠିତ ହୋଇଯାଇଛି। ଯୁବକ ସଂଘ, ସାହାଡ଼ା ସୁନ୍ଦରୀ, ମଧ୍ୟମ ସାହି, ବେଲଗାଦି, ସହର ସାହି, ବ୍ରାହ୍ମଣବାଡ, ଦାଘି, ଶାସନ ଓ କାହ୍ନୁ ଦାସ ମେଢ଼ ଶୋଭାଯାତ୍ରାରେ ଆସି ନାରାୟଣ ପାଲାମଣ୍ଡପ ନିକଟରେ ଏକତ୍ରିତ ହୋଇଥିଲେ। ପରେ ପାଳି ଅନୁସାରେ ମହାନଦୀରେ ମୂର୍ତ୍ତି ବିସର୍ଜନ କରାଯାଇଥିଲା। ଆୟତପୁର ସରପଞ୍ଚ ରାକେଶ ବେହେରା ଓ ଥାନା ଅଧିକାରୀ ବିପିନ ବିହାରୀ ହୋତାଙ୍କ ତତ୍ତ୍ୱାବଧାନରେ ମେଳଣ ଶାନ୍ତିଶୃଙ୍ଖଳାରେ ଶେଷ ହୋଇଥିଲା।

**ସଂକ୍ଷେପରେ**

## ଅଟୋଚାଳକଙ୍କୁ ଛୁରାମାଡ଼, ଅଭିଯୁକ୍ତ ଗିରଫ

କଟକ ସଦର,୧।୧୦
(ସୁଶାନ୍ତ କୁମାର ଜେନା)

୪୨ ମୌଜା ଥାନା ଅନ୍ତର୍ଗତ କଦମପଡ଼ା ଗ୍ରାମର ଜିତେନ୍ଦ୍ର ଜେନା ନାମକ ଜଣେ ଅଟୋଚାଳକଙ୍କୁ ଛୁରାମାଡ଼ କରିବା ଅଭିଯୋଗରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଶ୍ରୀରାମ ଗ୍ରାମର ସନାତନ ଭୋଇ। ଶନିବାର ଅଟୋଚାଳକ ଜଣଙ୍କ ଝିଙ୍କିରିଆରୁ ବେଣ୍ଟକାର ଆସୁଥିବାବେଳେ ସନାତନ ତାଙ୍କ ସହିତ ଆସିଥିଲେ। ଅଟୋ ଭଡା ବାବଦକୁ ୧୦ ଟଙ୍କା ମାଗିବାରୁ ଅଭିଯୁକ୍ତ ଜଣଙ୍କ ଜିତେନ୍ଦ୍ରଙ୍କ ଡାହାଣ କାନ୍ଧକୁ ଛୁରିରେ ଆକ୍ରମଣ କରିଥିଲେ। ଫଳରେ ସେ ଆହତ ହୋଇ ଚିତ୍କାର କରିଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୩୨୮/୨୩)ରୁଜୁକରିଥିଲା।

## ଗ୍ୟାସ୍ ସିଲିଣ୍ଡର ଚୋରି, ୩ ଅଭିଯୁକ୍ତ ଗିରଫ

ଫୁଲନଖରା,୧।୧୦
(ସତ୍ୟରଞ୍ଜନ ଦାସମହାପାତ୍ର)

ଗ୍ୟାସ୍ ସିଲିଣ୍ଡର ଚୋରି ଅଭିଯୋଗରେ କଟକ ସଦର ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ କଟକ ଜଗତପୁର ଅଞ୍ଚଳରେ ରହୁଥିବା କେନ୍ଦ୍ରାପଡା ଗୁଲନଗରର ସୁବାସ ଚନ୍ଦ୍ର ଦାଶ, ନୟାପଲ୍ଲୀ ଥାନା ଗଡ଼ସାହି ମଶାଣିବସ୍ତିର ପିଣ୍ଟୁ ବାରିକ ଓ ନିଆଳି ଥାନା ଅନ୍ତର୍ଗତ କୃଷ୍ଣପ୍ରସାଦଗଡ଼ ଗ୍ରାମର କାର୍ତ୍ତିକ ପାଣି। ସେମାନଙ୍କଠାରୁ ୧୫ଟି ଗ୍ୟାସ୍ ସିଲିଣ୍ଡର ଓ ଗୋଟିଏ ସ୍କୁଟି ଜବତ କରାଯାଇଛି। ପୋଲିସ ସୂତ୍ରରୁ ପ୍ରକାଶ, ଗତ ୯ ମାସ ହେବ କଟକ ସଦର ଥାନା ଅଞ୍ଚଳର ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ର ଓ ଫାଷ୍ଟଫୁଡ ଦୋକାନରୁ ବାରମ୍ବାର ଗ୍ୟାସ ସିଲିଣ୍ଡର ଚୋରି ହେଉଥିବା ଅଭିଯୋଗ ହୋଇଥିଲା। ପରେ ପୋଲିସ ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଶନିବାର ଗିରଫ କରିଥିଲା। ସୁବାସଙ୍କ ନାମରେ ବିଭିନ୍ନ ଥାନାରେ ୧୬, ପିଣ୍ଟୁ ଓ କାର୍ତ୍ତିକଙ୍କ ନାମରେ ୭ଟି ଲେଖାଏଁ ଆପରାଧିକ ମାମଲା ରହିଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି।

# 'ବରିଷ୍ଠ ନାଗରିକ ଜ୍ଞାନର ଗନ୍ତାଘର'

କଟକ,(ସୁପ୍ରିୟା ପ୍ରିୟଦର୍ଶିନୀ)/
ଚୌଦ୍ୱାର,୧।୧୦(ଆଶୁତୋଷ ଦାସ)

କଟକ ଜିଲା ପ୍ରଶାସନ ପକ୍ଷରୁ ଜିଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ କଳାବିକାଶ କେନ୍ଦ୍ରରେ ଜିଲାସ୍ତରୀୟ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଶିବୋ ଟୋପୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଟକ ମହାନଗର ନିଗମ ମେୟର ସୁବାସ ସିଂ ଯୋଗଦେଇ କହିଥିଲେ, ରାଜ୍ୟ ସରକାର ବରିଷ୍ଠ ନାଗରିକଙ୍କ ଉନ୍ନତି ପାଇଁ ଯଥେଷ୍ଟ ଯତ୍ନବାନ ଅଛନ୍ତି। ବୃଦ୍ଧାଶ୍ରମ, ପେନ୍‌ସନ୍, ଭତ୍ତା, ବୈଠକ ଘର, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ବରିଷ୍ଠ ନାଗରିକଙ୍କ ସାମାଜିକ ସୁରକ୍ଷା ସୁନିଶ୍ଚିତ କରିବା ଦିଗରେ ପ୍ରୟାସ ଜାରି ରହିଛି ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ କହିଥିଲେ, ବରିଷ୍ଠ ନାଗରିକମାନେ ହେଉଛନ୍ତି ଜ୍ଞାନର ଗନ୍ତାଘର। ଏହି ଅବସରରେ ଶିଳ୍ପୀ କଳାନିକେତନ ଓ ଲାସ୍ୟ ନୃତ୍ୟ ଏକାଡେମୀର ଶିଳ୍ପୀମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ସେହିପରି କଣ୍ଟାପଡ଼ା ଆଞ୍ଚଳିକ ବରିଷ୍ଠ ନାଗରିକ ଏବଂ କଟକ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ




କଳାବିକାଶ କେନ୍ଦ୍ରରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

**ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ**

ପକ୍ଷରୁ ନାଟକ 'ଆଶାର ଆଲୋକ', 'ହେଲ୍‌ମେଟ୍' ପରିବେଷିତ ହୋଇଥିଲା। ସେହିପରି ମ୍ୟାଜିକ୍ ଶୋ' ପ୍ରଦର୍ଶିତ ହୋଇଥିଲା। ବିଦ୍ୟାଳୟ ସ୍ତରରେ ଅନୁଷ୍ଠିତ ହୋଇଥିବା ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ ସହ ବରିଷ୍ଠ ନାଗରିକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମନୋଜ କୁମାର ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ନଳିନୀକାନ୍ତ ସାହୁ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ପୋଲିସ ଉପ ଆୟୁକ୍ତ କୃଷ୍ଣପ୍ରସାଦ ମିଶ୍ର, ସ୍ତମ୍ଭକାର ଅରୁଣ କୁମାର ପଣ୍ଡା, ନମିତା ପଣ୍ଡା, ବିଷ୍ଣୁ ମୋହନ ଦାସସାମନ୍ତ, ଡ. ସୁଚେତା ଜେନା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅନ୍ନପୂର୍ଣ୍ଣା ସାହୁଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

ଚୌଦ୍ୱାର ପୌରପାଳିକା ଅଧୀନ ୧୯ ନମ୍ବର ୱାର୍ଡ଼ ହାଉସିଂବୋର୍ଡ଼ସ୍ଥିତ ବରିଷ୍ଠ ନାଗରିକ କ୍ଲବ୍ ପକ୍ଷରୁ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। କ୍ଲବ୍ ସଭାପତି ଶିଶିର କୁମାର ଶତପଥୀଙ୍କ ପୌରୋହିତ୍ୟରେ କ୍ଲବ୍ ଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ ଅତିଥି ଭାବେ ଯୋଗଦେଇ ବରିଷ୍ଠ ନାଗରିକଙ୍କ ସମସ୍ୟା ସହିତ କ୍ଲବ୍‌ର ସମସ୍ୟାଗୁଡ଼ିକ ସମାଧାନ ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଉପସଭାପତି ପ୍ରତାପ ସାମଲ, ସମ୍ପାଦକ ସୁଶାନ୍ତ କୁମାର ସାହୁ, ମହେଶ୍ୱର ପଣ୍ଡା, ଗୌରାଙ୍ଗ ଚନ୍ଦ୍ର ଦାସ, ଶରତ ଦାସ, ପ୍ରମୋଦ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। କୋଷାଧ୍ୟକ୍ଷ ଅଜୟ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ କ୍ଲବ୍ ପରିସରରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୌରପାଳିକା ୧୭ ନମ୍ବର ୱାର୍ଡ଼ କାଉନସିଲର ଆଶୁତୋଷ ଦାସଙ୍କ ପୌରୋହିତ୍ୟରେ ୱାର୍ଡ଼ସ୍ଥିତ ବରିଷ୍ଠ ନାଗରିକ ସଂଘ ଗୃହରେ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି।




ମହିଳା ବାଚସ୍ପତିଙ୍କୁ ଅସମ୍ମାନ କରାଯିବା ଘଟଣାକୁ ନେଇ ଅନୁସୂଚିତ ଜାତି ଓ ଜନଜାତି ପକ୍ଷରୁ ରବିବାର କଟକ କଚେରି ସମ୍ମୁଖରେ ପ୍ରତିବାଦ।

## ରାସ୍ତାରେ କଂକ୍ରିଟ୍ ବର୍ଜ୍ୟ ପକାଇଲେ ଜରିମାନା

କଟକ,୧।୧୦(ସୁପ୍ରିୟା ପ୍ରିୟଦର୍ଶିନୀ)

ଘର ଭଙ୍ଗାବେଳେ ବାହାରୁଥିବା ଆବର୍ଜନା (କଂକ୍ରିଟ ବର୍ଜ୍ୟ) ରାସ୍ତାରେ ପକାଯିବ ନାହିଁ। ଯେଉଁ ଘର ମାଲିକମାନେ ଆବର୍ଜନା ଗଦାଇବେ ସେମାନଙ୍କଠାରୁ ଜରିମାନା ଆଦାୟ କରାଯିବ। ଏଥିପାଇଁ ବର୍ଜ୍ୟବସ୍ତୁ ପରିଚାଳନା ବାଇ-ଲ- ୨୦୧୭ ଧାରା ୮କୁ ସହରରେ କଡ଼ାକଡ଼ି ଭାବେ ଲାଗୁ କରାଯିବ ବୋଲି କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ସୂଚନା ଦିଆଯାଇଛି। ପ୍ରତିଦିନ ସହରରୁ ୧ ଟନ୍‌ରୁ ଊର୍ଦ୍ଧ୍ୱ କଂକ୍ରିଟ୍ ଖଣ୍ଡ, ଇଟା, ଭଙ୍ଗା ଟାଇଲ, ଲୁହା ଆଦି ଆବର୍ଜନା ବାହାରୁଛି। ଏହାକୁ ରାସ୍ତାରେ ପକାଯିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି କରୁଛି। ଏଗୁଡ଼ିକ ଶୁଖିଲା ଏବଂ ଓଜନିଆ ଆବର୍ଜନା। ସେଥିପାଇଁ ଏହାକୁ ନଷ୍ଟ କରିବା ନିମନ୍ତେ ସ୍ୱତନ୍ତ୍ର ନିୟମାବଳୀ ପ୍ରସ୍ତୁତ କରାଯାଇଛି। କଂକ୍ରିଟ୍ ବର୍ଜ୍ୟକୁ ଉଠାଇବା ପାଇଁ ୟୁଜର୍ସ-ଫି ଲାଗୁ କରାଯାଇଛି। କୌଣସି ଘରୁ ବାହାରୁଥିବା ନିର୍ମାଣ ବର୍ଜ୍ୟ ନଷ୍ଟ କରିବା ପାଇଁ ମାଲିକ ସିଏମ୍‌ସିକୁ ଜଣାଇବେ। ଏଥିପାଇଁ ସ୍ୱତନ୍ତ୍ର ନମ୍ବର ଜାରି କରାଯିବ। ପ୍ରତି ଟ୍ରାକ୍ଟର ପିଛା ମାଲିକ ସିଏମ୍‌ସିକୁ ୟୁଜର୍ସ ଫି' ଦେବେ। ଏହି ବର୍ଜ୍ୟକୁ ପକାଇବା ପାଇଁ ୪ଟି ନିର୍ଦ୍ଦିଷ୍ଟ ସ୍ଥାନ ଚିହ୍ନଟ କରାଯାଇଛି। କଂକ୍ରିଟ ବର୍ଜ୍ୟକୁ ଠିକ୍ ଭାବେ ପରିଚାଳନା ଓ ନଷ୍ଟ କରିବା ପାଇଁ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ନିୟମାବଳୀ ଜାରି କରିଛନ୍ତି। ବିଶେଷକରି ସରକାରୀ ପ୍ରକଳ୍ପଗୁଡ଼ିକରୁ ଅଧିକ କଂକ୍ରିଟ୍ ବର୍ଜ୍ୟ ବାହାରୁଛି। ସେଗୁଡ଼ିକ ଭଲ ଭାବେ ନଷ୍ଟ କରାଯିବ ବୋଲି ସିଏମ୍‌ସି ପକ୍ଷରୁ କୁହାଯାଇଛି।

## ମୋ' ମାଟି ମୋ' ଦେଶ କାର୍ଯ୍ୟକ୍ରମ

କଟକ ସଦର,୧।୧୦(ସୁଶାନ୍ତ କୁମାର ଜେନା)

କଟକ ସଦର ଭାଜପା ପକ୍ଷରୁ କିଶୋରନଗରରେ ମୋ' ମାଟି ମୋ' ଦେଶ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। କଟକ ସଦର ବ୍ଲକ ଭାଜପା ଯୁବନେତା ଇଂ. ପ୍ରକାଶ ଚନ୍ଦ୍ର ସେଠୀଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ସମବାୟ ସେଲ୍‌ର ସଂଯୋଜକ ପବିତ୍ର ମୋହନ ଦାଶ, ଅଭିନେତା ଶ୍ରୀତମ ଦାସ, ପ୍ରତିଭା ଶତପଥୀ, କିଶୋରନଗର ମଣ୍ଡଳ ସଭାପତି ଚିତ୍ତରଞ୍ଜନ ସାହୁ, ପ୍ରିୟରଞ୍ଜନ ଜେନା, ଗୋକୁଳ ପ୍ରଧାନ, ଦେବ ଜେନା, ରଞ୍ଜନ ନନ୍ଦ, ପ୍ରଦୀପ ବେହେରା, କେଳୁଚରଣ ମହାଳି, ରଞ୍ଜିତ ପଣ୍ଡା, ଅଶୋକ ସାହୁ, ଅଭିମନ୍ୟୁ ସାହୁ, ଅମୂଲ୍ୟ ସାମଲ ପ୍ରମୁଖ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ପ୍ରଥମ ରାଜବନ୍ଦୀ ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ରାଜକୃଷ୍ଣ ବୋଷଙ୍କ ଘରୁ ଓ ଆଖପାଖ ଗ୍ରାମର ଘର ଘର ବୁଲି ତୁଳସୀ ଚଉରାରୁ ମାଟି ସଂଗ୍ରହ କରାଯାଇଥିଲା। ଏହାସହିତ ସ୍ୱର୍ଗତ ବୋଷ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଜରିଆରେ କିଶୋରନଗର ସ୍ୱାସ୍ଥ୍ୟକେନ୍ଦ୍ର ପରିସର ସଫେଇ କରାଯାଇଥିଲା।

## ଆମ ପୋଲିସ ସମିତି ବୈଠକ

କଣ୍ଟାପଡ଼ା, ୧।୧୦(ସୁର ନାରାୟଣ ସାହୁ)

ଗୋବିନ୍ଦପୁର ପୋଲିସ ପକ୍ଷରୁ ଉରାଢ଼ ପଞ୍ଚାୟତ ଅଧୀନ କଳିଆଘର ଗ୍ରାମ ସପ୍ତଫେଣୀ ମନ୍ଦିର ପରିସରରେ ରବିବାର ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକ ମଞ୍ଚ ସଭାପତି ବ୍ରଜକିଶୋର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବତନ ସେନା କର୍ମଚାରୀ ଅଶ୍ୱିନୀ ସ୍ୱାଇଁ ଯୋଗଦେଇ କହିଥିଲେ, ପୋଲିସ ଓ ଜନସାଧାରଣ ପରସ୍ପରକୁ ସହଯୋଗ କଲେ ସମାଜରେ ଆଇନଶୃଙ୍ଖଳା ଠିକ୍ ରହିବ। ଏଥିସହ ରାତ୍ରି ପାଟ୍ରୋଲିଂ ଉପରେ ଗୁରୁତ୍ୱ ଦେବା ପାଇଁ ସେ ପ୍ରକାଶ କରିଥିଲେ। ସେହିପରି ନିରଞ୍ଜନ ସ୍ୱାଇଁ, ମୁରଲୀଧର ସ୍ୱାଇଁ, ଦୁଃଶାସନ ସାହୁ, ରବିନାରାୟଣ ମହାପାତ୍ର, ଖବରଦତା ବିଷ୍ଣୁ ନାୟକ ଯୋଗଦେଇ ଜନସାଧାରଣଙ୍କ ଧନଜୀବନ ସୁରକ୍ଷା ଉପରେ ଗୁରୁତ୍ୱ ଦେବା ପାଇଁ କହିଥିଲେ। କଟକ ସଦର ଏସ୍‌ଡିପିଓ ସୁବାସ ସାହୁ, ଗୋବିନ୍ଦପୁର ଥାନାଧିକାରୀ ରବି ନାରାୟଣ ବେହେରା, ଡିମିରି ଫାଣ୍ଡି ଅଧିକାରୀ ଦୁର୍ଯ୍ୟୋଧନ ସେଠୀ ଯୋଗଦେଇ ପୋଲିସକୁ ସହଯୋଗ କଲେ ଆଇନଶୃଙ୍ଖଳା ରକ୍ଷା କରିବା ସହଜ ହେବ ବୋଲି କହିଥିଲେ।

## ରାସେଶ୍ୱରୀ କାବ୍ୟ ଉନ୍ମୋଚିତ

କଟକ,୧।୧୦ (କାର୍ତ୍ତିକ ସାହୁ)

ଗୋପୀନାଥପୁରସ୍ଥିତ ମଧୁମାଟି ସାହିତ୍ୟ ସଂସଦ ଆନୁକୂଲ୍ୟରେ କଟକ ଶ୍ରୀରାମଚନ୍ଦ୍ର ଭବନରେ ଚିତ୍ତରଞ୍ଜନ ପଣ୍ଡାଙ୍କ କାବ୍ୟ ପୁସ୍ତକ 'ରାସେଶ୍ୱରୀ' ରବିବାର ଉନ୍ମୋଚିତ ହୋଇଯାଇଛି। ତରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ବୈଷ୍ଣବ ଚରଣ ସାମଲ, ସମ୍ମାନିତ ଅତିଥି ଭାବେ ଏକାଦଶୀ ପ୍ରଧାନ ଯୋଗଦେଇ ରାସେଶ୍ୱରୀ କାବ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଡ. ପୂର୍ଣ୍ଣଚନ୍ଦ୍ର ଓଝା ରାଧାରାଣୀଙ୍କ ସମ୍ପର୍କରେ ବହୁ ନୂତନ ତଥ୍ୟ ଏହି କାବ୍ୟରେ ବର୍ଣ୍ଣନା ହୋଇଛି ବୋଲି କହିଥିଲେ। କବି ଚିତ୍ତରଞ୍ଜନ କାବ୍ୟ ରଚନାର ପୃଷ୍ଠଭୂମି ଉପରେ ସୂଚନା ଦେଇଥିଲେ। ସତ୍ୟଭାମା ପ୍ରକାଶନୀର ପ୍ରକାଶକ କୀର୍ତ୍ତିରଞ୍ଜନ ପଣ୍ଡା କାବ୍ୟଟି ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶାବ୍ୟକ୍ତ କରିଥିଲେ। ଶ୍ରୀନିବାସ ସାହୁ ସ୍ୱାଗତ ଭାଷଣ ଓ ମୁରଲୀଧର ଶତପଥୀ ସଙ୍ଗୀତ ପରିବେଷଣ କରିଥିଲେ।

## ସହର ସ୍ୱଚ୍ଛ ରଖିବାକୁ ଶପଥ ନେଲେ

କଟକ, ୧।୧୦(ସୁପ୍ରିୟା ପ୍ରିୟଦର୍ଶିନୀ)

**ସ୍ୱଚ୍ଛତା ପାଇଁ ଶ୍ରମଦାନ କାର୍ଯ୍ୟକ୍ରମ**

■ ଶିଶୁ ଭବନ ପରିସର ସଫା କଲେ ମେୟର, କର୍ପୋରେଟର

କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ସ୍ୱଚ୍ଛତା ପାଇଁ ଶ୍ରମଦାନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶିଶୁଭବନ ପରିସର ଓ ସିଏମ୍‌ସିର ବିଭିନ୍ନ ୱାର୍ଡରେ ସମୂହ ସଫେଇ କରାଯାଇଥିଲା। ସିଏମ୍‌ସି ମେୟର ସୁବାସ ସିଂଙ୍କ ନେତୃତ୍ୱରେ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମରେ ଶତାଧିକ ଲୋକ ଯୋଗଦେଇଥିଲେ। ସେହିପରି ବିଭିନ୍ନ ୱାର୍ଡରେ କର୍ପୋରେଟରଙ୍କ ନେତୃତ୍ୱରେ ସଫେଇ କାର୍ଯ୍ୟକ୍ରମ ହୋଇଥିଲା। ଶତାଧିକ ସଫେଇ କର୍ମଚାରୀ, ସ୍ଥାନୀୟ ଲୋକ, ସ୍ୱେଚ୍ଛାସେବୀ ଓ ସ୍ୱଚ୍ଛସାଥୀମାନେ ଶିଶୁଭବନ ପରିସର ସଫେଇ କରିଥିଲେ। ମେୟର ସିଂ ପରିବେଶକୁ ସ୍ୱଚ୍ଛ ରଖିବା ଉପରେ ଗୁରୁତ୍ୱାରୋପ କରିବା ସହ ସାଧାରଣ ଲୋକଙ୍କୁ ସ୍ୱଚ୍ଛତା ସମ୍ପର୍କରେ ସଚେତନ କରାଇଥିଲେ। ଏହି ଅବସରରେ ସ୍ୱଚ୍ଛସାଥୀମାନଙ୍କୁ ଟିଫିନ କ୍ୟାରିଅର ବଣ୍ଟନ କରାଯାଇଥିଲା। ଏହି ଅବସରରେ କଟକ ସହରକୁ ସ୍ୱଚ୍ଛତାର ଶୀର୍ଷରେ ପହଞ୍ଚାଇବା ପାଇଁ ସମସ୍ତେ ଶପଥ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ଡେପୁଟି କମିଶନର ସଞ୍ଜୀବିତା ରାୟ, ଡେପୁଟି କମିଶନର ସୁବ୍ରତ ବେହେରା, ସହକାରୀ କମିଶନର (ପରିମଳ) ତ୍ରିନାଥ ବେହେରା, ସହକାରୀ କମିଶନର ତ୍ରିଶୂଳ ମାର୍ଦ୍ଦି, କର୍ପୋରେଟର ଆରତି ସାହୁ, ଶିଶୁଭବନର ପ୍ରଶାସନିକ ଅଧିକାରୀଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।

# ଆଇନଜୀବୀ ନାଜିଆ, ଛାତ୍ରୀ ଆଦ୍ୟାଶା ପ୍ରଥମ

କଟକ,୧।୧୦ (କାର୍ତ୍ତିକ ସାହୁ)



ବକ୍ତୃତାମାଳା ପ୍ରତିଯୋଗିତାରେ ପ୍ରତିଯୋଗୀଙ୍କ ଗହଣରେ ଅତିଥିମାନେ।

**କ୍ରିମିନାଲ କୋର୍ଟସ୍ ବାର୍ ଆସୋସିଏଶନରେ ବକ୍ତୃତାମାଳା**

କ୍ରିମିନାଲ କୋର୍ଟସ୍ ବାର୍ ଆସୋସିଏଶନ ପକ୍ଷରୁ କ୍ରିମିନାଲ ଟ୍ରାଏଲରେ କ୍ରସ୍ ଏକ୍‌ଜାମିନେଶନର ଗୁରୁତ୍ୱ ଶୀର୍ଷକ ବକ୍ତୃତାମାଳା ଆସୋସିଏଶନର ସମ୍ମିଳନୀ କକ୍ଷରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଇନଜୀବୀଙ୍କ ପକ୍ଷରୁ ନାଜିଆ ଫଜଲ ପ୍ରଥମ, ଶିତଲ ଦାସ ଦ୍ୱିତୀୟ ଓ ଶିବାନୀ ଶଙ୍କର ଦାସ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ବିଭିନ୍ନ ଆଇନ ମହାବିଦ୍ୟାଳୟରୁ ଭାଗ ନେଇଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଆଦ୍ୟାଶା ପଟ୍ଟନାୟକ ପ୍ରଥମ, ସମୀକ୍ଷା ପଟ୍ଟନାୟକ ଦ୍ୱିତୀୟ ଓ ସଙ୍ଗୀତା ସାହୁ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏଥିରେ ମୁଖ୍ୟ ଅତିଥି ଭାବେ ହାଇକୋର୍ଟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଯୋଗଦେଇ ବକ୍ତୃତାମାଳାର ବିଜେତାଙ୍କୁ ପୁରସ୍କୃତ କରିଥିଲେ। ଏଥିସହ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ ଆତ୍ମାପ୍ରକାଶ ମହାନ୍ତି, କଟକ ଜିଲା ଓ ଦୌରାଜଜ୍ ସୌମେନ୍ଦ୍ର ରାୟଗୁରୁ, ପ୍ରଥମ ଅତିରିକ୍ତ ଦୌରାଜଜ୍ ଜ୍ଞାନେନ୍ଦ୍ର ବାରିକ, ଦ୍ୱିତୀୟ ଅତିରିକ୍ତ ଦୌରାଜଜ୍ ସ୍ୱତ୍ସ୍ୱିନୀ କର, ସଂଘର ପୂର୍ବତନ ସଭାପତି ମନୋଜ ବିହାରୀ ଦାସ, ଅତିରିକ୍ତ ପିପି ଦେବାଶିଷ ମହାକୁଡ ଉପସ୍ଥିତ ଥିଲେ। ଏଥିରେ ସଂଘ ସଭାପତି ଧ୍ରୁବଚରଣ ରାଉତ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ସ୍ମୃତିରଞ୍ଜନ ରାଉତ ସ୍ୱାଗତ ଭାଷଣ ଓ କୋଷାଧ୍ୟକ୍ଷ ନରେନ୍ଦ୍ର କୁମାର ସାହୁ ଧନ୍ୟବାଦ ଦେଇଥିଲେ। ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ ସୌରଚନ୍ଦ୍ର ମହାପାତ୍ର, ବାଦଲ ରାୟ, ଅକ୍ଷୟ କୁମାର ନାୟକ, ଦେବାଶିଷ ପଣ୍ଡା ଉଦ୍‌ବୋଧନ ଦେଇଥିଲେ। କଟକ ଜିଲାକୋର୍ଟର ସମସ୍ତ ମାଜିଷ୍ଟ୍ରେଟ, ହାଇକୋର୍ଟ ବାର୍ ଆସୋସିଏଶନର କର୍ମକର୍ତ୍ତା, କଟକ ବାର୍ ଆସୋସିଏଶନର ସମ୍ପାଦକ ଦିଲ୍ଲୀପ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଯୁଗ୍ମ ସମ୍ପାଦକ ହରିପ୍ରସାଦ ଓଝା, ପାଠାଗାର ସମ୍ପାଦକ ମମତା ମହାନ୍ତି ଓ କାର୍ଯ୍ୟକାରୀ ସଦସ୍ୟ ରାଜେନ୍ଦ୍ର କୁମାର ଦାସ, ନୀଳାଦ୍ରି ବିହାରୀ ମହାରଣା, ଦେବଶ୍ରୀ ପରିଡ଼ା, ନିରଞ୍ଜନ ବେହେରାଙ୍କ ସମେତ ସଂଘର ସଭ୍ୟାସଭ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




କଟକ ଶ୍ରୀରାମଚନ୍ଦ୍ର ଭବନରେ କବି ଚିତ୍ତରଞ୍ଜନ ପଣ୍ଡାଙ୍କ କାବ୍ୟ ପୁସ୍ତକ 'ରାସେଶ୍ୱରୀ'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।



୬ ଦଫା ଦାବିନେଇ ଦି ଓଡ଼ିଶା ନର୍ସିଂ ଏମ୍ପ୍ଲଇଜ୍ ଆସୋସିଏଶନ ଏସ୍‌ସିବିଏମ୍‌ସିଏଚ୍ ବ୍ରାଞ୍ଚ କଟକ ପକ୍ଷରୁ ଏସ୍‌ସିବି ମେଡିକାଲ ଅଧିକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା।

# ପ୍ରେମ ପାଇଁ ଚାଲିଗଲା ୨ ଜୀବନ

## ଗାମୁଛାରେ ଝୁଲି ପଡିଲେ ସେଲ୍‌ସମ୍ୟାନ

ଭୁବନେଶ୍ୱର,୧।୧୦
(ସୂର୍ଯ୍ୟକାନ୍ତ ବେହେରା)

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଜିଜିପି କଲୋନୀରେ ରବିବାର ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ବାଲିପାଟଣା ଅଞ୍ଚଳର ୨୫ ବର୍ଷୀୟ ସଚିତ୍ର ବାରିକ। ସେ ଏସ୍‌ପ୍ଲାନେଡ୍ ମଲ୍‌ରେ ଥିବା ଏକ ଷ୍ଟୋର୍‌ରେ ସେଲ୍‌ସମ୍ୟାନ ଭାବେ କାମ କରୁଥିଲେ। ପୋଲିସ ଫରେନ୍‌ସିକ୍ ଟିମ୍ ସହାୟତାରେ ସଚିତ୍ରଙ୍କ ମୃତଦେହ ସହ ରୁମ୍‌ରୁ ଲାପଟପ ଓ ମୋବାଇଲ ଜବତ କରିଛି। ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୯୦/୨୩) ରୁଜୁ କରି ଘଟଣାର ଛାନଭିନ ଚଳାଇଛି। ମୋବାଇଲର ଶେଷ କଲ୍ ଓ ମେସେଜକୁ ପୋଲିସ ଯାଞ୍ଚ କରୁଛି। ଆତ୍ମହତ୍ୟାର ପ୍ରକୃତ କାରଣ ଜଣାପଡି ନ ଥିଲେ ମଧ୍ୟ ଘଟଣା ପଛରେ ପ୍ରେମ ରହିଥିବା ପରିବାର ଲୋକେ ଅନୁମାନ କରୁଛନ୍ତି। ସଚିତ୍ର ଯେଉଁ ଯୁବତୀଙ୍କୁ ପ୍ରେମ କରୁଥିଲେ, ତାଙ୍କୁ ଖୋଜି ବାହାର କରିବାକୁ ସେମାନେ ଦାବି କରିଛନ୍ତି। ତେବେ ପୋଲିସ ପ୍ରେମ ବ୍ୟାପାର ସହ ବିଭିନ୍ନ ଦିଗକୁ ନେଇ ତଦନ୍ତ ଚଳାଇଛି। କ୍ୟାପିଟାଲ ହସ୍ପିଟାଲରେ

### ମୋବାଇଲ, ଲାପ୍‌ଟପ ଜବତ


ସଚିତ୍ର ବାରିକ

ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅନ୍ୟପକ୍ଷରେ ସଚିତ୍ର ଦୀର୍ଘଦିନ ଧରି ମାନସିକ ଦୁଶ୍ଚିନ୍ତାରେ ରହୁଥିଲେ ବୋଲି ତାଙ୍କ ସହ ଭଡ଼ାରେ ରହୁଥିବା ଜଣେ ରୁମ୍‌ମେଟ କହିଛନ୍ତି। ସେ କାହା ସହ ଠିକ୍ ଭାବେ କଥା ନ ହୋଇ ଚୁପ ଚାପ ରହୁଥିଲେ। ପଚାରିଲେ କିଛି କହୁ ନ ଥିଲେ। ଗଣେଶ ଭସାଣି ପାଇଁ ସେ ୪ଦିନ ତଳେ ଘରକୁ ଯାଇ ଫେରିଥିଲେ ବୋଲି ରୁମ୍‌ମେଟ୍ ଜଣକ କହିଛନ୍ତି।

ସୂଚନାନୁସାରେ, ସଚିତ୍ର ଶନିବାର ସପିଙ୍ଗ୍ ମଲ୍‌ରେ କାମ ସାରି ରାତିରେ ରୁମ୍‌କୁ ଫେରିଥିଲେ। ଏହି ସମୟରେ ରୁମମେଟ୍ ତାଙ୍କ ସାଙ୍ଗଙ୍କ ପାଖକୁ ଯାଇଥିଲେ। ସେ ରବିବାର ସକାଳ ୧୦ଟାରେ ରୁମ୍‌କୁ ଆସି କବାଟ ବାଡେଇ ଡାକିବା ସହ ଫୋନ୍ କରିଥିଲେ ମଧ୍ୟ ସଚିତ୍ର ଶୁଣି ନ ଥିଲେ। ଝରକା ବାଟେ ଡାକିବାକୁ ଯିବାବେଳେ ସଚିତ୍ର ଗାମୁଛା ଦ୍ୱାରା ଫ୍ୟାନରେ ଝୁଲୁଥିବା ଦେଖିବା ପରେ ତାଙ୍କ ଘର ଲୋକଙ୍କୁ ଖବର ଦେବା ସହ ପୋଲିସକୁ ସୂଚନା ଦେଇଥିଲେ। ସଚିତ୍ରଙ୍କ ଭାଇ ପହଞ୍ଚି ପୋଲିସ ଉପସ୍ଥିତିରେ କବାଟ ଭାଙ୍ଗି ଝୁଲନ୍ତା ଅବସ୍ଥାରେ ମୃତଦେହକୁ ଜବତ କରିଥିଲେ।

## ପ୍ରେମିକାଙ୍କୁ ଭିଡିଓ କଲ୍ କରି ଯୁବକଙ୍କ ଆତ୍ମହତ୍ୟା

ଭୁବନେଶ୍ୱର,୧।୧୦(ସତ୍ୟଜିତ୍ ରାଉତ)

ରାଜଧାନୀରେ ଜଣେ ଯୁବକ ତାଙ୍କ ପ୍ରେମିକାଙ୍କୁ ଭିଡିଓ କଲ୍ କରି ବେଡଶିଟ୍ ଦ୍ୱାରା ଫ୍ୟାନ୍‌ରେ ଝୁଲି ରବିବାର ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଖୋର୍ଦ୍ଧା ଜିଲା ବୋଲଗଡ଼ ଅଞ୍ଚଳର ପ୍ରଭୁପାଦ ମହାରଣା (୨୪)। ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଡମଣା ଛକ ନିକଟରେ ଥିବା ଆତ୍ମାରାମ୍ ଆପାର୍ଟମେଣ୍ଟସ୍ଥିତ ଏକ ବନ୍ଦ ଘରୁ ପ୍ରଭୁପାଦଙ୍କ ମୃତଦେହକୁ ପୋଲିସ ଜବତ କରି କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ କରାଇଛି। ପରେ ତାଙ୍କ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ପ୍ରଭୁପାଦ


ପ୍ରଭୁପାଦ ମହାରଣା

ଚନ୍ଦ୍ରଶେଖରପୁର ଅଞ୍ଚଳରେ ଏକ ରେଷ୍ଟୁରାଣ୍ଟରେ ରୋଷେୟା ଭାବେ କାମ କରୁଥିଲେ। ସେ ୫ ବର୍ଷ ହେଲା ଭଦ୍ରକ ଅଞ୍ଚଳର ଜଣେ ଯୁବତୀଙ୍କୁ ପ୍ରେମ କରୁଥିଲେ। କିଛିଦିନ ହେଲା ସେମାନଙ୍କ ସମ୍ପର୍କରେ ତିକ୍ତତା ସୃଷ୍ଟି ହୋଇଥିଲା। ତେଣୁ ପ୍ରଭୁପାଦ ଏହାକୁ ନେଇ ଭାଙ୍ଗି ପଡ଼ିଥିଲେ। ସକାଳେ ତାଙ୍କ ପ୍ରେମିକାଙ୍କୁ ଭିଡିଓ କଲ୍ କରି ସେ ଆତ୍ମହତ୍ୟା କରୁଥିବା କହିଥିଲେ। ଯୁବତୀ ଜଣକ ତୁରନ୍ତ ଏନେଇ ରେଷ୍ଟୁରାଣ୍ଟ ମ୍ୟାନେଜରଙ୍କୁ ଜଣାଇଥିଲେ। ମ୍ୟାନେଜର ଓ ସ୍ଥାନୀୟ ଲୋକେ ପୋଲିସକୁ ଏନେଇ ଖବର ଦେବା ପରେ ସମସ୍ତେ ତାଲା ଭାଙ୍ଗି ଘରେ ପଶିଥିଲେ। ହେଲେ ସେତେବେଳକୁ ପ୍ରଭୁପାଦଙ୍କ ମୃତ୍ୟୁ ହୋଇଯାଇଥିଲା। ମୃତଦେହ ସାମ୍ନାରେ ପ୍ରଭୁପାଦଙ୍କ ମୋବାଇଲ ଭିଡିଓ କଲ୍ ମୋଡ୍‌ରେ ରହିଥିବା ସମସ୍ତେ ଦେଖିବାକୁ ପାଇଥିଲେ। ତେବେ ପ୍ରେମିକାଙ୍କୁ ତଦନ୍ତ ପରିସରକୁ ଆଣିବାକୁ ପ୍ରଭୁପାଦଙ୍କ ଭାଇ ଗଣମାଧ୍ୟମରେ ଦାବି କରିଛନ୍ତି। ପୋଲିସ ପ୍ରଭୁପାଦଙ୍କ ମୋବାଇଲ ଜବତ କରିଛି। ସେଥିରେ ଥିବା ମେସେଜ୍, କଲ୍ ଡିଟେଲ୍ସ ରିପୋର୍ଟ (ସିଡିଆର୍) ଓ ହ୍ୱାଟ୍ସଆପ୍ ଚାଟ୍ ଆଦିରୁ ପୋଲିସ ଏହି ମାମଲାରେ ବଳିଷ୍ଠ ପ୍ରମାଣ ପାଇବାକୁ ଆଶା ରଖିଛି।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ମଦର୍ସ ପବ୍ଲିକ ସ୍କୁଲ ପକ୍ଷରୁ ଡିପ୍ଲୋମାଟିକ୍ ଫ୍ୟୁଜନ ଫୋରମ୍, ସ୍କୁଲ ପରିସର, ୟୁନିଟ୍-୧, ସକାଳ ୮ଟା ୪୫।
- ଗାନ୍ଧୀଙ୍କ ଜୀବନାଦର୍ଶ ଉପରେ ଚଳଚ୍ଚିତ୍ର ପ୍ରଦର୍ଶନୀର ଉଦ୍‌ଯାପନୀ ସମାରୋହ, ଓଡ଼ିଶା ରାଜ୍ୟ ସଂଗ୍ରହାଳୟ, ପୂର୍ବାହ୍ନ ୧୦ଟା।
- ଗ୍ରାମୀଣ ସାମ୍ବାଦିକ କଲ୍ୟାଣ ଯୋଜନାର ଶୁଭାରମ୍ଭ କାର୍ଯ୍ୟକ୍ରମ, ଡିପ୍ଲୋମା ଇଞ୍ଜିନିୟର୍ସ ସଭାକକ୍ଷ, ୟୁନିଟ୍-୩, ପୂର୍ବାହ୍ନ ୧୧ଟା ୩୦।
- ଦି ଫାଇନ୍ କପ୍ ଆୱାର୍ଡ-୨୦୨୩, କୃତି କଫି, ପଟିଆ ଆଉଟଲେଟ୍, ଅପରାହ୍ନ ୪ଟା।
- ବିଜେଇଏମ୍ ସ୍କୁଲରେ ଗାନ୍ଧୀ ଜୟନ୍ତୀ, ସ୍କୁଲ ପରିସର, ଅପରାହ୍ନ ୫ଟା।
- ପ୍ରଫେସର ଶାନ୍ତନୁ ଆଚାର୍ଯ୍ୟ ଫାଉଣ୍ଡେଶନର ଦ୍ୱିତୀୟ ଅଧିବେଶନ, ଓଡ଼ିଶା ଭେଟେରିନାରି କାଉନ୍‌ସିଲ ସଭାଗୃହ, ମହର୍ଷି କଲେଜ ନିକଟ, ସନ୍ଧ୍ୟା ୬ଟା।
- ଟପ୍ ୨୦ ମୋଷ୍ଟ ଇନ୍‌ସ୍ପରେଶନାଲ ପର୍ସନାଲିଟିଜ୍ ଅଫ୍ ଓଡ଼ିଶା ଆୱାର୍ଡ-୨୦୨୩, ସ୍ୱସ୍ତି ପ୍ରିମିୟମ୍, ସନ୍ଧ୍ୟା ୬ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଏବଂ ଓଡ଼ିଶା ନାଟ୍ୟସଂଘର ମିଳିତ ଆନୁକୂଲ୍ୟରେ ନାଟ୍ୟଧାରା ଅର୍ଜୁନୀ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୭ଟା

**ବାଲିଅନ୍ତା**

- ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୪ତମ ଜୟନ୍ତୀ ପାଳନ, ବାଲିଅନ୍ତା ନିକୁଞ୍ଜ ବିହାରୀ ମନ୍ଦିର ନିକଟ ଗାନ୍ଧୀପୀଠ, ସକାଳ ୮ଟା। ସରସ୍ୱତୀ ଶିକ୍ଷାମନ୍ଦିର ପରିସର, ନହରକଣ୍ଟା, ସକାଳ ୯ଟା ୩୦।

**ଖୋର୍ଦ୍ଧା**

- ଗାନ୍ଧୀ ଜୟନ୍ତୀରେ ସଚେତନତା ଶୋଭାଯାତ୍ରା, ବିଜେବି ହାଇସ୍କୁଲ, ସକାଳ ୭ଟା।
- ସାଇବର ସଚେତନତା ରଥର ଶୁଭାରମ୍ଭ, ଜିଲାପାଳଙ୍କ କାର୍ଯ୍ୟାଳୟ, ପୂର୍ବାହ୍ନ ୧୧ଟା।

**କଟକ**

- କଟକ ଜିଲା ପ୍ରଶାସନ ପକ୍ଷରୁ ଜିଲାସ୍ତରୀୟ ଗାନ୍ଧୀ ଜୟନ୍ତୀ ସମାରୋହ, ଗାନ୍ଧୀ ସ୍ମୃତିପୀଠ, ତେଲେଙ୍ଗାପେଣ୍ଠ, ସକାଳ ୮ଟା।
- ଦି ଲିଙ୍କ୍ ଆଇ ହସ୍ପିଟାଲ ଆଣ୍ଡ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌ର ୩ୟ ପ୍ରତିଷ୍ଠା ଦିବସ, ହସ୍ପିଟାଲ ପରିସର, ମଧୁପାଟଣା, ପୂର୍ବାହ୍ନ ୧୦ଟା।
- ଉତ୍କଳ ଗାନ୍ଧୀ ସ୍ମାରକ ନିଧି ପକ୍ଷରୁ ଗାନ୍ଧୀ ସ୍ମାରକୀ ବକ୍ତୃତାମାଳା, ଗାନ୍ଧୀ ଭବନ, ବାଖରାବାଦ, ପୂର୍ବାହ୍ନ ୧୧ଟା ୩୦।
- କମିଶନରେଟ ପୋଲିସ ପକ୍ଷରୁ ସାଇବର ନିରାପତ୍ତା ଅଭିଯାନ, ଡିସିପି କାର୍ଯ୍ୟାଳୟ, ମଧ୍ୟାହ୍ନ ୧୨ଟା।

## ଯାନ୍ତ୍ରିକ ତ୍ରୁଟି, ଚିଲିକାରେ ଫସିଲା ଡଙ୍ଗା



କୃଷ୍ଣପ୍ରସାଦ,୧।୧୦
(କୈଳାସ ଚନ୍ଦ୍ର ପଟ୍ଟନାୟକ)

ତୀର୍ଥକ୍ଷେତ୍ର ପୁରୀ ଓ କୃଷ୍ଣପ୍ରସାଦ ବ୍ଲକର ମୁଖ୍ୟ କାର୍ଯ୍ୟାଳୟକୁ ଯିବା ପାଇଁ ପ୍ରତିଦିନ ଶତାଧିକ ଲୋକେ ଚିଲିକାରେ ଡଙ୍ଗା ଓ ଭସାପୋଲ(ଭେସେଲ)ରେ ଯାତ୍ରା କରିଥାନ୍ତି। ପ୍ରତିଦିନ ଭଳି ରବିବାର ଅପରାହ୍ନ ୪ଟାରେ କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ସାତପଡ଼ାରୁ ଏକ ଯାତ୍ରୀବାହୀ ଡଙ୍ଗା ୬୦ଯାତ୍ରୀ ଏବଂ ୩୦ରୁ ଊର୍ଦ୍ଧ୍ୱ ବାଇକ୍ ନେଇ ଜହ୍ନିକୁଦା ଅଭିମୁଖେ ଯାଉଥିବା ବେଳେ ଚିଲିକାରେ ହଠାତ୍ ଅଟକି ଯାଇଥିଲା। ଡଙ୍ଗାରେ ଥିବା ମୋଟର ନ ଚାଲିବାରୁ ଏହା ଆଉ ଆଗକୁ ବଢ଼ିପାରି ନ ଥିଲା। ଫଳରେ ଏଥିରେ ଥିବା ଯାତ୍ରୀମାନେ ଭୟଭୀତ ହେବା ସହ ଚିତ୍କାର କରିଥିଲେ। ଯାତ୍ରୀମାନେ ପ୍ରାୟ ଘଣ୍ଟାଏ ଚିଲିକାରେ ଫସି ରହିଥିଲେ। ପରେ ଜହ୍ନିକୁଦାରୁ ଦୁଇଟି ଡଙ୍ଗା ଉଦ୍ଧାର ପାଇଁ ପହଞ୍ଚିଥିଲା। ଏହାପରେ ଫସିଥିବା ଯାତ୍ରୀଙ୍କୁ ଉଦ୍ଧାର କରାଯାଇ ଜହ୍ନିକୁଦା ଘାଟରେ ପହଞ୍ଚିଥିଲା। ପ୍ରକାଶ ଯେ, ଚିଲିକାରେ ବାରମ୍ବାର ଏଭଳି ଅଘଟଣ ଘଟୁଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହ ଲୋକଙ୍କ ଯାତାୟାତରେ ସୁବିଧା ପାଇଁ ଚିଲିକାରେ ଏକ ବ୍ରିଜ ନିର୍ମାଣ ପାଇଁ ଦାବି ହେଉଛି।

## ଟ୍ରେନରୁ ଖସି ଠିକା ଶ୍ରମିକଙ୍କ ମୃତ୍ୟୁ

ଭୁବନେଶ୍ୱର,୧।୧୦ (ସୂର୍ଯ୍ୟକାନ୍ତ ବେହେରା)

ଟ୍ରେନ୍‌ରୁ ଖସିପଡିବାରୁ ଜଣେ ଠିକା ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବିହାରର ଲଳିତ ରାମ (୩୨)। ଭୁବନେଶ୍ୱର ଜିଆର୍‌ପି ଏକ ଅପମୃତ୍ୟୁ ମାମଲା (ନଂ.୭୪/୨୩) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ଲଳିତ ଟ୍ରେନରୁ ଓହ୍ଲାଇବାବେଳେ ତଳେ ପଡିଯାଇଥିଲେ। ମୁଣ୍ଡରେ ଆଘାତ ଲାଗିବାରୁ ତାଙ୍କର ମୃତ୍ୟୁ ଘଟିଥିବା ପୋଲିସ ସୂଚନା ଦେଇଛି। ଲଳିତ ରେତଙ୍ଗରେ ଅନ୍ୟ ଶ୍ରମିକଙ୍କ ସହ କ୍ୟାମ୍ପରେ ରହି ରେଲ୍‌ୱେରେ ଠିକା ଶ୍ରମିକ ଭାବେ କାମ କରନ୍ତି। ସେ ସବୁଦିନ ଭଳି ଶନିବାର ମଧ୍ୟ ରେଳଧାରଣା କାମ କରିବାକୁ ଭୁବନେଶ୍ୱର ଆସିଥିଲେ। କାମ ସାରି ଲିଙ୍ଗରାଜ ଷ୍ଟେଶନରୁ ସନ୍ଧ୍ୟାରେ ପାସେଞ୍ଜର ଟ୍ରେନ୍‌ରେ ଚଢି ରେତଙ୍ଗ ଯାଇଥିଲେ। ସେଠାରେ ଟ୍ରେନ୍‌ରୁ ଖସିପଡିଥିବା ଦେଖି ରେତଙ୍ଗ ଷ୍ଟେଶନ ମାଷ୍ଟର ଆମ୍ବୁଲାନ୍ସରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲେ। ହେଲେ ଡାକ୍ତର ସେଠାରେ ଲଳିତଙ୍କୁ ମୃତ ଘୋଷଣା କରିଥିଲେ।

## ୨ ବାଇକ୍ ଧକ୍କା: ଜଣେ ମୃତ, ୪ ଗୁରୁତର

ଅସ୍ତରଙ୍ଗ,୧।୧୦(ମମତା ଜେନା/
ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ବ୍ଲକର ଉକୁଳେଇ ଛକ ନିକଟରେ ରବିବାର ଅପରାହ୍ନରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଜଣଙ୍କର ଜୀବନ ଯାଇଥିବାବେଳେ ୪ଜଣ ଗୁରୁତର ଆହତ ହୋଇଛନ୍ତି।ଏହି ଘଟଣାକୁ ନେଇ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ରାସ୍ତାରୋକୋ କରିଥିଲେ।

ସୂଚନା ଅନୁଯାୟୀ, ଉକୁଳେଇ ମନ୍ଦିର ଦର୍ଶନ ପାଇଁ ଅସ୍ତରଙ୍ଗ ପଥରପକା ଗ୍ରାମର ବସନ୍ତ ନାୟକ (୬୦) ତାଙ୍କର ଦୁଇ ସମ୍ପର୍କୀୟ ଝିଆରୀ ଓସ୍ତପୁର ଗ୍ରାମର ଲିସି ସେନାପତି (୧୪) ଓ ଜଗତ୍‌ସିଂହପୁର ଜିଲା ଆମ୍ବପଡ଼ା ଗ୍ରାମର ବିୟୁଟି ଖୁଣ୍ଟିଆ

### ହମ୍ପ ନିର୍ମାଣ, କ୍ଷତିପୂରଣ ଦାବିରେ ଅଞ୍ଚଳବାସୀଙ୍କ ରାସ୍ତାରୋକୋ

(୧୫)ଙ୍କୁ ନେଇ ଏକ ବାଇକ୍ (ନଂ. ଓଡି୧୩-ଏ-୩୯୧୩) ଯୋଗେ ଯାଉଥିଲେ। ଏହି ସମୟରେ ଅନ୍ୟ ଏକ ବାଇକ୍ (ନଂ. ଓଡି ୦୨ଏଟି ୫୯୩୦)ରେ ବିପରୀତ ପଟୁ ଅର୍ଥାତ୍ କାକଟପୁରରୁ ଓଲିହାଁ ଗ୍ରାମର ଅଭିଜିତ ବିଶ୍ୱାଳ (୩୭) ଓ ଲାଲ୍‌ମୋହନ ପାତ୍ର (୩୪) ଆସୁଥିଲେ। ବାଇକ୍ ଦ୍ୱୟ ଉକୁଳେଇ ଛକ ନିକଟରେ କୌଣସି କାରଣରୁ ଭାରସାମ୍ୟ ହରାଇବାରୁ ପରସ୍ପର ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ସମସ୍ତେ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ରକ୍ତାକ୍ତ ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରି ପ୍ରଥମେ ଅସ୍ତରଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ତେବେ ଡାକ୍ତର ସେଠାରେ ଅଭିଜିତଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହେବାରୁ ଅନ୍ୟ ୪ଜଣଙ୍କୁ ଉତ୍ତମ ଚିକିତ୍ସା ନିମନ୍ତେ ଅସ୍ତରଙ୍ଗ ବଜାର କମିଟି ଅଧ୍ୟକ୍ଷ ଦୁଷ୍ମନ୍ତ ପରିଡ଼ା ନିଜ ଚାରିଚକିଆ ଯାନରେ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପରେ ସେଠାରୁ ସେମାନଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ ମୃତାହତଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ସହ ଜିଉଁନ୍ତି ଛକ ଓ ଉକୁଳେଇ ଛକରେ ହମ୍ପ ନିର୍ମାଣ ଦାବିକରି ଦୀର୍ଘ ସମୟ ଧରି କାକଟପୁର-ଅସ୍ତରଙ୍ଗ ମୁଖ୍ୟରାସ୍ତା ଉକୁଳେଇ ଛକଠାରେ ଟାୟାର ଜାଳି ପ୍ରାୟ ୧ଘଣ୍ଟା ଧରି ରାସ୍ତା ଅବରୋଧ କରିଥିଲେ। ଖବର ପାଇ ଅସ୍ତରଙ୍ଗ ପୋଲିସ ପହଞ୍ଚି ବୁଝାସୁଝା କରିବା ପରେ ଅବରୋଧ ହଟିଥିଲା। ଉଲ୍ଲେଖ ଥାଉ କି, ଉକ୍ତ ରାସ୍ତାରେ ଗତ ୭ ମାସ ଭିତରେ ଦୁର୍ଘଟଣା ଯୋଗୁ ପ୍ରାୟ ୬ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକ ଆହତ ହେଲେଣି। ଉକୁଳେଇ ଛକ ନିକଟରେ ବାରମ୍ବାର ଦୁର୍ଘଟଣା ଘଟୁଥିଲେ ମଧ୍ୟ ପୂର୍ତ୍ତ ବିଭାଗ ପକ୍ଷରୁ ହମ୍ପ ନିର୍ମାଣ କରାଯାଉନାହିଁ। ତେଣୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଅମ୍ଳାନ


@ ଏକ୍ୟୁଦାସ



@ ସ୍ମୃତି


@ ଯ୍ୟାମାକି


@ ସୂର୍ଯ୍ୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।



ରାଜ୍ୟର ପ୍ରଥମ ମହିଳା ବାଚସ୍ପତି ପ୍ରମିଳା ମଲ୍ଲିକଙ୍କୁ ବିଧାନସଭାରେ ଡାଲି ପକାଇ ଅସମ୍ମାନ ପ୍ରତିବାଦରେ ରାଷ୍ଟ୍ରୀୟ ଦଳିତ ମହାସଭା ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ।



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ଓଡ଼ିଶା ନାଟ୍ୟ ସଂଘ ପକ୍ଷରୁ ନାଟ୍ୟଧାରାରେ ରବିବାର ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ସଙ୍ଗୀତ କାର୍ଯ୍ୟକ୍ରମ।

